## ସଂକ୍ଷେପରେ

### ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ୍,୬ା୧: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧିନସ୍ଥ ଚନ୍ଦ୍ରପ୍ରଭା ସାହିସ୍ଥିତ ଘରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଦ୍ୱାରିକା ପଣ୍ଡାଙ୍କ ସ୍ତ୍ରୀ ମନ୍ମିତା । ରବିବାର ସକାଳେ ଫ୍ୟାନରେ ଝୁଲୁଥିବା ମନ୍ମିତାଙ୍କୁ ପରିବାର ଲୋକେ ଉଦ୍ଧାର କରି ବଡମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ମୃତଦେହକୁ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟ ଆସିବା ପରେ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।

### ବିଷକ୍ରିୟାରେ ୨ ମୃତ

ବ୍ରହ୍ମପୁର ଅଫିସ୍,୬ା୧: ପୃଥକ ବିଷ କ୍ରିୟାରେ ୨ ଜଣଙ୍କ ମୃତ୍ୟୁକୁ ନେଇ ରବିବାର ୨ଟି ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ମୃତଦେହଗୁଡିକ ବ୍ରହ୍ମପୁର ବଡ଼ ମେଡିକାଲରେ ବ୍ୟବଚ୍ଛେଦ ହୋଇଛି। ଗଞ୍ଜାମ ଥାନା କରପଡା ଗ୍ରାମର ବିଶ୍ୱଜିତ୍ ନାୟକ ଶନିବାର ରାତିରେ ହଠାତ୍ ଅସୁସ୍ଥ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ପ୍ରଥମେ ଛତ୍ରପୁର ହସ୍ପିଟାଲ ଓ ପରେ ବ୍ରହ୍ମପୁର ବଡ ମେଡିକାଲକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖାଦ୍ୟ ବିଷକ୍ରିୟା ଯୋଗୁ ବିଶ୍ୱଜିତଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଦର୍ଶାଇଛନ୍ତି। ବୈଦ୍ୟନାଥପୁର ଥାନା ପୋଲିସ ନଂ.୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି। ସେହିପରି ଦିଗପହଣ୍ଡି ଥାନା କୁମ୍ଭଝରୀ ଗ୍ରାମରେ ବିଷ ପିଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପ୍ରମିଳା ମଳିକ। ଶନିବାର ବିଳମ୍ବିତ ରାତିରେ କୌଣସି କାରଣରୁ ପ୍ରମିଳା ବିଷ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲକୁ ଅଣାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ଦିଗପହଣ୍ଡି ଥାନାରେ ନଂ.୨/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଆଥଲେଟିକ୍ ମିଟ୍‌ରେ ଗଞ୍ଜାମ ଜିଲାକୁ ୬ ପଦକ

ବ୍ରହ୍ମପୁର ଅଫିସ୍,୬ା୧: କଟକଠାରେ ଅନୁଷ୍ଠିତ ୬୬ତମ ରାଜ୍ୟ ଆଥଲେଟିକ୍ ମିଟ୍‌ରେ ଗଞ୍ଜାମ ଜିଲାକୁ ୬ଟି ପଦକ ମିଳିଛି। ୧୮ ବର୍ଷରୁ କମ୍ ୧୦କିମି ଚାଲିରେ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ରିତୁ ଦାସ ୨ଶହ ମିଟର ଦୌଡ଼ରେ ରୌପ୍ୟ ଏବଂ ଶହେ ମିଟର ଦୌଡ଼ରେ ବ୍ରୋଞ୍ଜ ପଦକ ଜିଣିଛନ୍ତି । ସେହିପରି ୧୧୦ମିଟର ହର୍ଡଲ୍‌ସରେ ଅଞ୍ଜନ କୁମାର ଦାସ ରୌପ୍ୟ ପଦକ, ୨ହଜାର ମିଟର ଷ୍ଟିପଲ୍‌ଚେଜ୍‌ରେ ରାଜେଶ କୁମାର ଡାକୁଆ ବ୍ରୋଞ୍ଜ ଏବଂ ହାମର୍ ଥ୍ରୋରେ ଦୀପକ କୁମାର ଦଳାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୃତୀ ଖେଳାଳିଙ୍କୁ ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, କର୍ମକର୍ତ୍ତା ସୁରେନ୍ଦ୍ର ପଟ୍ଟନାୟକ, ସନ୍ତୋଷ ସାହୁ, ତାରିଣୀ ସାମନ୍ତରାୟ, ବିଜୟ ସିଂ ସାମନ୍ତ, ବସନ୍ତ ପାଣିଗ୍ରାହୀ, ନିମାଇ ବେବର୍ତ୍ତା, ଶିବା ଷଡ଼ଙ୍ଗୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

■ ସାଉଥ୍‌କୋକୁ ବିଜୁଳି କର୍ମଚାରୀ ସଂଘର ଚେତାବନୀ

# ଆଉଟସୋର୍ସ କର୍ମଚାରୀ ସ୍ଥାୟୀ ନ ହେଲେ ପୁଣି ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୬ା୧

ଆସନ୍ତା ୧୦ ତାରିଖ ସୁଦ୍ଧା ସମସ୍ତ ଆଉଟସୋର୍ସ କର୍ମଚାରୀଙ୍କୁ ଇନସୋର୍ସ (ସ୍ଥାୟୀ) କରା ନ ଗଲେ ବ୍ରହ୍ମପୁରସ୍ଥିତ ସାଉଥକୋ ମୁଖ୍ୟାଳୟ ଆଗରେ ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପୁଣି ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି । ସଂଘ ପକ୍ଷରୁ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଭାପତି ତଥା ସିପିଏମ ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଦୀର୍ଘଦିନ ଧରି ସଂଘର ଆନ୍ଦୋଳନ ଯୋଗୁଁ ବିଭିନ୍ନ ଦାବି ନେଇ ୨୦୧୬ ଫେବୃୟାରୀ ୨୫ରେ ଦକ୍ଷିଣାଞ୍ଚଳ ବିଦ୍ୟୁତ ପରିବଣ୍ଟନ ସଂସ୍ଥା ସାଉଥକୋ ପରିଚାଳନା କର୍ତ୍ତୃପକ୍ଷ ଏବଂ ବିଜୁଳି କର୍ମଚାରୀ ସଂଘ କର୍ମକର୍ତ୍ତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଦେଶର ସର୍ବୋଚ୍ଚ ଅଦାଲତଙ୍କ ରାୟ ପ୍ରକାରେ ଶ୍ରମିକ ଓ କର୍ମଚାରୀଙ୍କୁ ସମାନ କାମ ପାଇଁ ସମାନ ଦରମା ଏବଂ ଆଉଟସୋର୍ସ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଅନ୍ୟ ଦାବିଗୁଡ଼ିକ ପୂରଣ ଲାଗି ସାଉଥକୋ ପକ୍ଷରୁ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହାର ୩ ବର୍ଷ ପୂରିବାକୁ ଯାଉଛି, ହେଲେ ଅଦ୍ୟାବଧି ଚୁକ୍ତିନାମା କାର୍ଯ୍ୟକାରୀ ହୋଇ ନ ଥିବା ସଭାପତି ଅଭିଯୋଗ କରିଥିଲେ ।

ସାଉଥକୋର ସ୍ଥାୟୀ କର୍ମଚାରୀଙ୍କ ବିଭିନ୍ନ କାର୍ଯ୍ୟରେ ଅସ୍ଥାୟୀ କର୍ମଚାରୀଙ୍କୁ ନିୟୋଜିତ କରା ନ ଯିବା, ଅବସରପ୍ରାପ୍ତ କର୍ମଚାରୀଙ୍କୁ ଗ୍ରାଚୁଇଟି ଦେବା, ଅବ୍ୟାହତ ଛୁଟି ଦିନର ମଜୁରୀ ପ୍ରଦାନ, ପେନସନ କମୁଟେସନ ତୁରନ୍ତ ପୈଠ କରିବା, ୨୦୧୫ ମଜୁରୀ ନିର୍ଦ୍ଧାରଣରେ ଥିବା ଅସଂଗତି ଅବିଳମ୍ବେ ସଂଶୋଧନ କରାଯିବା ଆଦି ଦାବି ରହିଛି। ଟେକନିକାଲ କ୍ୟାଡରରେ ଗ୍ରେଡ ୩ରୁ ୧କୁ ତୁରନ୍ତ କାର୍ଯକାରୀ କରିବାରେ ସାଉଥକୋ କର୍ତ୍ତୃପକ୍ଷ ଆଖି ବୁଜି ଦେଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

ଅପରପକ୍ଷରେ ୨୦୧୮ ନଭେମ୍ବର ୨୬ରେ ଓଡ଼ିଶା ବିଦ୍ୟୁତ କର୍ମଚାରୀ ଓ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ବିଧାନସଭା ଆଗରେ ବିଭିନ୍ନ ଦାବି ନେଇ ଆନ୍ଦୋଳନ ହୋଇଥିଲା । ଶକ୍ତି ମନ୍ତ୍ରୀ ଓ ବିଭାଗୀୟ ଶାସନ ସଚିବଙ୍କ ସମେତ ଗ୍ରୀଡକୋ, ଓପିଟିସିଏଲ କର୍ତ୍ତୃପକ୍ଷ ଏବଂ ଏକତା ମଞ୍ଚ ମଧ୍ୟରେ ଆଲୋଚନା ହୋଇଥିଲା । ଆଉଟସୋର୍ସ କର୍ମଚାରୀ ଓ ଶ୍ରମିକଙ୍କୁ ସ୍ଥାୟୀ କରାଯିବାର ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ତାହା ମଧ ଏ ଯାଏ କାର୍ଯ୍ୟକାରୀ ହୋଇ ନ ଥିବା ସଭାପତି ପଟ୍ଟନାୟକ ଦର୍ଶାଇଥିଲେ । ତେଣୁ ଆସନ୍ତା ୧୦ ତାରିଖ ସୁଦ୍ଧା କାର୍ଯ୍ୟକାରୀ କରା ନ ଗଲେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସେ ଚେତାବନୀ ଦେଇଥିଲେ । ଖବରଦାତା ସମ୍ମିଳନୀରେ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା



ଦୌଡ଼ ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ ।

ବ୍ରହ୍ମପୁର ଅଫିସ୍,୬ା୧

ସାମାଜିକ ସଂଗଠନ 'କ୍ରାନ୍ତି' ତରଫରୁ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ 'ମେରି ଜାନ୍ ହିନ୍ଦୁସ୍ଥାନ' ନାମରେ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ରବିବାର ବ୍ରହ୍ମପୁର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ଷ୍ଟାଡିୟମ୍ ଇନଚାର୍ଜ ସଚ୍ଚିନ୍ଦ୍ର ମାଝି ଉପସ୍ଥିତ ଥିଲେ । ଜିଲାର ୧୨ଟି ବିଦ୍ୟାଳୟର ପ୍ରାୟ ୩୦୦ କ୍ରୀଡ଼ାବିତ୍ ବିଭିନ୍ନ ଇଭେଣ୍ଟରେ ଭାଗନେଇଥିଲେ। ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଡିସ୍କସ୍ ଥ୍ରୋ, ସଟ୍‌ପୁଟ୍ ଥ୍ରୋ ଓ ଜାଭଲିନ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା । କୋର୍ଟପେଟାସ୍ଥିତ ଶହୀଦ୍ ଲକ୍ଷ୍ମଣ ନାୟକ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ କେଦାରନାଥ ଚୌଧୁରୀ ସଂଯୋଜନା କରିଥିଲେ । କୀଡ଼ା ଶିକ୍ଷକ ସୁବାସ ଚନ୍ଦ୍ର ଦଳାଇ, ଦଣ୍ଡପାଣି ସାହୁ, ଭିନ୍‌ସେଣ୍ଟ ଦାସ, ଜ୍ଞାନେନ୍ଦ୍ର ସିଂ, ପଞ୍ଚାନନ ସାହୁ, ରାଜେଶ ପାତ୍ର, ମଧୁସୂଦନ ମିଶ୍ର, ସୁରେଶ ପାଢ଼ୀ, ବିକାଶ କୁମାର ପାଣିଗ୍ରାହୀ ଓ ନରସିଂହ ସେଠୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ । କ୍ରାନ୍ତି ଅନୁଷ୍ଠାନ ତରଫରୁ ଦେବରାଜ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ସଞ୍ଜୟ କୁମାର ରଥ, ଦେବବ୍ରତ ଗୌଡ଼, ନିର୍ମଳା ଦାସ, କୃଷ୍ଣଚନ୍ଦ୍ର ଚୌଧୁରୀ ଓ ଆଦିତ୍ୟ ପଟ୍ଟନାୟକ ପରିଚାଳନା କରିଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ୍,୬ା୧

ବ୍ରହ୍ମପୁର ବଡବଜାର ଥାନା ଅଧିନସ୍ଥ ପ୍ରେମନଗର ପଞ୍ଚମ ଲେନ୍ ଅଞ୍ଚଳର ଏକ ଭଡା ଘରୁ ରବିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବିଜୁ ପଟ୍ଟନାୟକ ବୋଟିଂ ପାର୍କ କର୍ମଚାରୀ ଜ୍ୟାକି ସାରିଫ୍ (୩୧)। ରବିବାର ସକାଳେ କୌଣସି କାରଣରୁ ଜ୍ୟାକି ମାନସିକ ଭାରସାମ୍ୟ ହରାଇ ଘରେ ଫ୍ୟାନ୍‌ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ । ଖବରପାଇ ବଡ଼ବଜାର ଥାନା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ପଞ୍ଚନାମା କରିଛି । ଏ ନେଇ ନଂ.୧/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ ମେଡିକାଲକୁ ପଠାଯାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇଆଇସି ସୁରେଶ କୁମାର ତ୍ରିପାଠୀ କହିଛନ୍ତି।

## ୮ରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ବ୍ରହ୍ମପୁର ଅଫିସ,୬ା୧

ଓଡିଶା ନାଟକ ସମାରୋହ ସମିତି ପକ୍ଷରୁ ୧୧ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆସନ୍ତା ୮ ତାରିଖରୁ ଆରମ୍ଭ ହେବ । ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ପରିସରରେ ୧୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ରବିବାର ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଅନୀଲ କୁମାର ପାତ୍ର ଏହି ସୂଚନା ଦେଇଛନ୍ତି । ୭ ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ ବ୍ରହ୍ମପୁର ସମେତ ରାଉରକେଲା, ପୁରୀ, ସମ୍ବଲପୁର, ଭୁବନେଶ୍ୱରର ନାଟ୍ୟସଂସ୍ଥା ଦ୍ୱାରା ନାଟକ ପରିବେଷଣ କରାଯିବ।





ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କର୍ମକର୍ତ୍ତା।

ସେଥିମଧ୍ୟରେ ପ୍ରଥମଥର ପାଇଁ ଏକ ହିନ୍ଦୀ ଭାଷୀ ନାଟକ ମଞ୍ଚସ୍ଥ ହେବ । ମହୋତ୍ସବର ତୃତୀୟ ଦିବସରେ ପୁରୀର ରଙ୍ଗଶାଳା ନାଟକ ସଂସ୍ଥା ପକ୍ଷରୁ ନାଟକ 'ସର୍ଜନା'ରେ ଏହା ଦେଖିବାକୁ ମିଳିବ । ପଞ୍ଚମ ଦିବସରେ ଭୁବନେଶ୍ୱର ଶତାବ୍ଦୀର କଳାକାର ଅନୁଷ୍ଠାନ ଦ୍ୱାରା ପରିବେଷିତ ବେଙ୍ଗଲି ନାଟକର ଓଡିଆ ଅନୁବାଦିତ ନାଟକ 'ବାଞ୍ଛାର ବଗିଚା' ଅନ୍ୟତମ ଆକର୍ଷଣ ହେବ । ଶେଷ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ ବୋଲି ସଭାପତି ସୂଚନା ଦେଇଛନ୍ତି। ଚଳିତ ବର୍ଷ ମହୋତ୍ସବ ଆୟୋଜନ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ ସଂସ୍କୃତି ଭବନର ଦେୟ ୫୦ ପ୍ରତିଶତ କମାଯିବା ସହ ଦୁଇଟି ନାଟକ ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିବା ଅନୁଷ୍ଠାନର ସମ୍ପାଦକ ଶଙ୍କର୍ଷଣ ସାବତ କହିଥିଲେ । କଳା ଓ ସଂସ୍କୃତିର ଏକୁଡିଶାଳ ବ୍ରହ୍ମପୁରରେ କଳାକାରଙ୍କ କଳାର ବିକାଶ ପାଇଁ ଏକ ଉନ୍ନତମାନର ପ୍ରେକ୍ଷାଳୟ ନିର୍ମାଣ ଉପରେ ରାଜ୍ୟସରକାର ଗୁରୁତ୍ୱ ଦେବା ଉଚିତ ବୋଲି ଆବାହକ ଅଳିକିଶୋର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ । ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡ. ମିହିର ତ୍ରିପାଠୀ, ଉପଦେଷ୍ଟା ରାଜୁ ପାଢୀ ମଞ୍ଚାସୀନ ଥିଲେ ।

ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା
ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

## ସେଲ୍‌ଫି କର୍ନର



ଭାସ୍କର



ପ୍ରଭାତ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମାସିକ ସାହିତ୍ୟ ଆସର





ମଞ୍ଚାସୀନ ଅତିଥି ବୃନ୍ଦ ।

ବ୍ରହ୍ମପୁର ଅଫିସ,୬ା୧

ତ୍ରିଧାରା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ରବିବାର ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ପ୍ରଫୁଲ୍ଲ କୁମାର ମହାପାତ୍ର ଏହାକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଡ. ପ୍ରକାଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡମ୍ବରୁଧର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ 'କିଶୋର ଚନ୍ଦ୍ରାନନ୍ଦ ଚମ୍ପୁରେ ନାଟକୀୟତା' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଡ. ରବୀନ୍ଦ୍ର କୁମାର ନାୟକ ଆଲୋଚକ ଭାବେ ଯୋଗଦେଇ ଶୀର୍ଷକ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ସୁଜିତ କୁମାର ପଣ୍ଡା, ସତ୍ୟମ ଆଚାରୀ, ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଡା. ଚନ୍ଦ୍ରମଣି ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସୌଦାମିନୀ ମିଶ୍ର ସଂଯୋଜନା କରିଥିଲେ। ସଂସଦର ସମ୍ପାଦକ ଲକ୍ଷ୍ମୀନାରାୟଣ ଦାଶ କବିତାଗୁଡିକୁ ସମୀକ୍ଷା କରିଥିଲେ । ବିଷ୍ଣୁ ପ୍ରସାଦ ମିଶ୍ର, ଅଧାପକ ଲୋକନାଥ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ବହୁ କବୟିତ୍ରୀ, କବି ସ୍ୱରଚିତ କବିତା ପାଠ କରିଥିଲେ । ସୁଜାତା ଶତପଥୀ ଧନ୍ୟବାଦ ଦେଇଥିଲେ ।

## ଶୀତକାଳୀନ ବେଲ୍‌ଟ ପରୀକ୍ଷା

ବ୍ରହ୍ମପୁର ଅଫିସ୍,୬ା୧

ହାଉସିଂବୋର୍ଡ଼ ସ୍ଥିତ ଇଣ୍ଡିଆନ୍ ଫାଇଟ୍ ସ୍କୁଲଠାରେ ଚାଲିଥିବା ଶୀତକାଳୀନ ବେଲ୍‌ଟ ପରୀକ୍ଷା ରବିବାର ଉଦ୍‌ଯାପିତ ହୋଇଯାଇଛି । ସ୍କୁଲର ପ୍ରତିଷ୍ଠାତା ତଥା କୋଚ୍ ସିଫୁ ମନୋରଞ୍ଜନ ମହାପାତ୍ର ଛାତ୍ରୀଛାତ୍ରଙ୍କୁ ତାଲିମ୍ ପ୍ରଦାନ କରିଥିଲେ। କ୍ୟାମ୍ପରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ପ୍ରାୟ ୩୦ ଛାତ୍ରୀଛାତ୍ର ଭାଗନେଇଥିଲେ। ସେମାନଙ୍କୁ ସାଓଲିନ୍ କୁମ୍ଫୁ, ଟାଏକୋଣ୍ଡୋ, କରାଟେ, କିକ୍‌ବକ୍ସିଂ, ମୁଆଥାଇ ଆଦି ତାଲିମ୍ ଦିଆଯାଇଥିଲା। ଏଥିସହ ଶୃଙ୍ଖଳା ଏବଂ ଦକ୍ଷତା ବୃଦ୍ଧି କୌଶଳ ଶିକ୍ଷା ଦିଆଯାଇଥିଲା। ଯୋଗ, ଏରୋବିକ୍ସ, ଜମ୍ପିଂ, ଜିମ୍‌ନାଷ୍ଟିକ୍, ରୋପ୍ କ୍ଲାଇମ୍ବିଂ ମଧ ପ୍ରଶିକ୍ଷଣ ଦିଆଯାଇଥିଲା। କ୍ୟାମ୍ପରେ ପ୍ରଦର୍ଶନକୁ ଦେଖି ଶୁଭାଶିଷ ନନ୍ଦ, କାଲୁ ନାୟକ, ଦିନେଶ, ସତ୍ୟନାରାୟଣ ନାୟକ ଏବଂ ଦେବ ପଟ୍ଟନାୟକଙ୍କୁ ପର୍ପଲ୍ ବେଲ୍‌ଟ ପ୍ରଦାନ କରାଯାଇଛି । ଅରେଞ୍ଜ ବେଲ୍‌ଟ ଜିଣିଛନ୍ତି ସତ୍ୟନାରାୟଣ ସାହୁ, ସୂର୍ଯ୍ୟନାରାୟଣ ପଣ୍ଡା, ଏମ୍. ଅନ୍ୱେଷା ରେଡ୍ଡୀ, ସାକେତ୍ ପାତ୍ର, ୱାଇ.ଲହରି ଏବଂ ଇଶା ମହାପାତ୍ର । ହ୍ୱାଇଟ୍ ବେଲ୍‌ଟ ଜିଣିଛନ୍ତି ହେମନ୍ତ ରାଉତ ଏବଂ ସ୍ୱସ୍ତିକ ପଣ୍ଡା । ୱେଲୋ ବେଲ୍‌ଟ ହାସଲ କରିଛନ୍ତି ବିଲାଲ୍ ସରୋଜ୍ ଏବଂ ସିଏଚ୍. ଭି.ଭି ଗଣେଶ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଉପସ୍ଥିତ ଥିଲେ ।





ବେଲ୍‌ଟ ପରୀକ୍ଷାର ଉଦ୍‌ଯାପନୀରେ ଛାତ୍ରୀଛାତ୍ରମାନେ କୌଶଳ ପ୍ରଦର୍ଶନ କରୁଛନ୍ତି ।

■ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ଧର୍ମଘଟ ଡାକରା

# ସଫଳ କରିବାକୁ ପଥପ୍ରାନ୍ତ ସଭା

ବ୍ରହ୍ମପୁର ଅଫିସ୍,୬ା୧

ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ଡାକରାରେ ଆସନ୍ତା ୮ ଓ ୯ ତାରିଖ ଦୁଇଦିନ ବ୍ୟାପୀ ହେବାକୁ ଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଗଞ୍ଜାମ ଜିଲା ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ରବିବାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଏକ ରଥ ବ୍ରହ୍ମପୁର ସହରର ବିଭିନ୍ନ ଅଞ୍ଚଳରେ ପରିକ୍ରମା କରିଥିଲା। ବଡବଜାର, ଅଗାସାହି ଛକ, ହରିଡାଖଣ୍ଡି ଛକ, ଫାଷ୍ଟଗେଟ, ତାଲୁକା ଛକ, ଗେଟବଜାର ଅଞ୍ଚଳରେ ଏହି ରଥ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା କରାଯାଇ ଧର୍ମଘଟ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରାଯାଇଥିଲା । ଶ୍ରମିକଙ୍କ ଅଧିକାରକୁ ସରକାର କ୍ଷୁର୍ଣ୍ଣ କରିବାକୁ ପ୍ରୟାସ କରୁଥିବା ପଥପ୍ରାନ୍ତ ସଭାରେ କୁହାଯାଇଥିଲା । ଏଥିରେ ଏଆଇଟିୟୁସିର ପ୍ରଦୀପ ସେଠୀ, ଆଇଏନଟିୟୁସିର ଭୋକାଲୀ ସେଠୀ, ହିନ୍ଦ ମଜଦୁର ସଭାର ସତ୍ୟନାରାୟଣ ତ୍ରିପାଠୀ, ନରସିଂହ ସାହୁ, ସିଆଇଟିୟୁସିର ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ବଡ ବଜାର ନିର୍ମାଣ ଓ ଅଣସଂଗଠିତ ଶ୍ରମିକ ସଂଘର ସମ୍ପାଦକ ଘନଶ୍ୟାମ ସାହୁ, ବ୍ୟାଙ୍କ କର୍ମଚାରୀ ନେତା ଅଶୋକ ଦାଶ ପ୍ରମୁଖ ପଥପ୍ରାନ୍ତ ସଭାରେ ସାମିଲ ହୋଇଥିଲେ ।





ପଥପ୍ରାନ୍ତ ସଭାରେ ଉପସ୍ଥିତ କର୍ମକର୍ତ୍ତା ।

## ସଂକ୍ଷେପରେ

### ଟାଏକୋଣ୍ଡୋର ୨ ଛାତ୍ରୀଛାତ୍ରଙ୍କୁ ବ୍ଲାକ୍‌ବେଲ୍ଟ



**ଦାରିଙ୍ଗବାଡି,୬।୧(ଡି.ଏନ.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଟାଇକୋଣ୍ଡୋ ଏକାଡେମିର ୨ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। ଭୁବନେଶ୍ୱରରେ ରବିବାର ଓଡ଼ିଶା ଟାଏକୋଣ୍ଡୋ ଆଶୋସିଏସନ ପକ୍ଷରୁ ଟାଇକୋଣ୍ଡୋର ବ୍ଲାକ୍‌ବେଲ୍ଟ ପାଇଁ ପରୀକ୍ଷା ହୋଇଥିଲା। ଏଥିରେ ଦାରିଙ୍ଗବାଡ଼ି ଏକାଡେମିର ୨ଜଣ ତଥା ୧୨ ବର୍ଷ ବୟସର ଛାତ୍ରୀ ଛାତ୍ରୀ ନ୍ୟାସୋଦେବୀ ପରିଚ୍ଛା(୧୨) ଏବଂ ଆର୍ଯ୍ୟମାନ ପରିଚ୍ଛା (୧୦) ବ୍ଲାକ୍‌ବେଲ୍ଟ ହାସଲ କରିଥିବା ତାଙ୍କ କୋଚ୍ ତଥା ସେକଣ୍ଡ ବ୍ଲାକ୍‌ବେଲ୍ଟପ୍ରାପ୍ତ ଏବଂ ଜାତୀୟ ଖେଳ ପରିଚାଳକ ଦାରାସିଂ ପରିଚ୍ଛା କହିଛନ୍ତି।

### ବିଜୁ ଯୁବ ବାହିନୀର କ୍ରୀଡ଼ା ପ୍ରତିଯୋଗିତା

**ବେଗୁନିଆପଡ଼ା,୬।୧(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ପଞ୍ଚାୟତର ବିଜୁ ଯୁବ ବାହିନୀ ତରଫରୁ କ୍ରୀଡ଼ା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତର ନୂଆଁଗଡ଼ସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ କ୍ରୀଡ଼ା ଶିକ୍ଷକ ସୋମନାଥ ନାହାକ ପରିଚାଳନା କରିଥିବା ବେଳେ ବିଜୁ ଯୁବ ବାହିନୀର ବ୍ଲକ ସଂଯୋଜକ ବିଭୂତି ପ୍ରଧାନ, ସଭାପତି ଟୁକୁନା ପ୍ରଧାନ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଯୁବ ବାହିନୀ ସଦସ୍ୟ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସଭାପତି କହିଛନ୍ତି।

### ଜାତୀୟସ୍ତରର ବିଜ୍ଞାନ ମେଳାକୁ ରାଜେଶ ମନୋନୀତ



**ବୁଗୁଡ଼ା,୬।୧(ଡି.ଏନ.ଏ.):** ବୁଗୁଡ଼ା ଏନ୍‌ଏସି ବୁଦ୍ଧଗିରି ବିଦ୍ୟାପୀଠରେ ଅଧ୍ୟୟନ କରୁଥିବା ନବମ ଶ୍ରେଣୀ ଛାତ୍ର ରାଜେଶ ମହାରଣା ଜାତୀୟ ସ୍ତର ବିଜ୍ଞାନ ମେଳାକୁ ଚୟନ ହୋଇଛନ୍ତି। ରାଜେଶ ବ୍ଲକ ଓ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ପ୍ରଥମ ହୋଇଥିବା ବେଳେ ଶନିବାର ପୁରୀ ଜିଲା ସ୍କୁଲରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ସେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତର ବିଜ୍ଞାନ ମେଳାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। କମ ଖର୍ଚ୍ଚରେ ସୁବିଧାରେ କିପରି ଫସଲରେ ଜଳସିଞ୍ଚନ କରାଯାଇପାରିବ ସେ ସମ୍ପର୍କରେ ସେ ପ୍ରକଳ୍ପ ତିଆରି କରି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ଏ ନେଇ ରାଜେଶଙ୍କୁ ବ୍ଲକର ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

### ଟିକାବାଲିରେ ଚକ୍ଷୁଯତ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ

**ଦାରିଙ୍ଗବାଡ଼ି/ ଶଙ୍କରଖୋଲ, ୬।୧(ଡି.ଏନ.ଏ):** ଟିକାବାଲି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶନିବାର ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ସତ୍ୟନାରାୟଣ ସାମଲ, ଅଧିକ୍ଷକ ଜ୍ୟୋତିରଞ୍ଜନ ଜେନାଙ୍କ ତତ୍ତ୍ୱାଧାନରେ କାଯର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରାଜକିଶୋର ସାହୁ ଏବଂ ବ୍ଲକ ଆକାଉଣ୍ଟ ମ୍ୟାନେଜର ସୁଜିତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଅଞ୍ଚଳର ୧୯ ବିଦ୍ୟାଳୟର ୧୬୬ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୧୯ ଜଣଙ୍କୁ ଲୋ ଭିଜନ ଏବଂ ଅନ୍ୟାନ୍ୟ ସମସ୍ୟା କାରଣ ପାଇଁ ଚଷମା ପ୍ରଦାନ ସହ ଔଷଧ ଦିଆଯିବାକୁ ସ୍ଥିର କରାଯାଇଛି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଚକ୍ଷୁ ବିଶେଷଜ୍ଞ ଡାକ୍ତର ଅରବିନ୍ଦ ଦାସ ଏହି ପରୀକ୍ଷା କରିଥିଲେ।



# ଝରିଆପଦାରେ ବାଘ ଆତଙ୍କ

- ସନ୍ଧ୍ୟାରୁ ପଡୁଛି ଟାଟି, କବାଟ
- ଟ୍ୟୁଶନ ଯାଉନାହାନ୍ତି ଛାତ୍ରୀଛାତ୍ର, ବାଘ ଧରିବାକୁ ଦାବି

**କୋଟଗଡ,୬।୧**

କନ୍ଧମାଳ ଜିଲା କୋଟଗଡ ବ୍ଲକ ଝରିଆପଦା ଗ୍ରାମରେ ୨ଦିନ ହେଲା ବାଘ ଆତଙ୍କ ଦେଖାଦେଇଛି। ଶନିବାର ଅପରାହ୍ଣ ପ୍ରାୟ ୩ଟାରେ ଝରିଆପଦା ଗ୍ରାମସ୍ଥିତ ପ୍ରକଳ୍ପ ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଜଙ୍ଗଲକୁ ଚରିବାକୁ ଯାଇଥିବା ଗୃହପାଳିତ ପଶୁଙ୍କୁ ଏକ ଚିତାବାଘ ଗୋଡାଉଥିବା ପ୍ରଧାନ ଶିକ୍ଷକ ପ୍ରଦୀପ ଚୌଧୁରୀ ଦେଖିଥିଲେ। ସହକାରୀ ଶିକ୍ଷକ ଓ ଗ୍ରାମବାସୀଙ୍କୁ ଡାକିବାରୁ ସେମାନେ ପହଞ୍ଚିଯିବାରୁ ବାଘ ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା। ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀ ଏନେଇ ସ୍ଥାନୀୟ ବନାଞ୍ଚଳ ଅଧିକାରୀ ବିଦ୍ୟାଧନ ଜାନୀଙ୍କୁ ଜଣାଇଥିଲେ। ସେ ଘଟଣାସ୍ଥଳକୁ ବନକର୍ମଚାରୀମାନଙ୍କୁ ପଠାଇ ପାଦଚିହ୍ନ ଯାଞ୍ଚ କରି ଘଟଣାର ଅନୁଧ୍ୟାନ କରିଥିଲେ। ମାତ୍ର ପାଦଚିହ୍ନ ସ୍ପଷ୍ଟ ଜଣା ପଡୁ ନ ଥିବା ସେ କହିଛନ୍ତି। କୋଟଗଡ ବ୍ଲକର ଅଧିକାଂଶ ଗ୍ରାମ କୋଟଗଡ ଅଭୟାରଣ୍ୟ ମଧ୍ୟରେ ଥିବାରୁ ବାଘ ଥିବା ଘଟଣାକୁ ଏଡାଇ ଦିଆ ଯାଇ ନ ପାରେ। ଏନେଇ ବନବିଭାଗ ପକ୍ଷରୁ ଅଧିକ ଅନୁସନ୍ଧାନ ଜାରି ରହିଛି।

ବାଘ ଆତଙ୍କ ନେଇ ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ଖେଳିଯାଇଛି। ଖବର ପ୍ରଚାରିତ ହେବାପରେ ହାଟପଦା, ରଜାସାହି, ଶଗଡିଆସାହି, କଲୋନୀସାହି ଆଦି ଆଖପାଖ ଗ୍ରାମବାସୀ ଜଙ୍ଗଲକୁ ଯିବା ବନ୍ଦ କରି ଦେଇଛନ୍ତି। ସନ୍ଧ୍ୟାରେ ଟାଟିକବାଡ ପଡିଯିବା ସହ ପିଲାମାନଙ୍କୁ ଟ୍ୟୁସନ ଛାଡୁନାହାନ୍ତି। ଚିତାବାଘକୁ ଧରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଘର ସମ୍ମୁଖରେ ଡମ୍ବରୁଧର।

## ସରକାରୀ ଯୋଜନାରୁ ବଞ୍ଚିତ ଡମ୍ବରୁଧର

**ଫିରିଙ୍ଗିଆ,୬।୧**

ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ରାସ୍ତାସାହିର ଡମ୍ବରୁଧର ଦିଗାଲ(୬୦)। ଦିନ ମଜୁରିଆଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। ହେଲେ ଆଜିପର୍ଯ୍ୟନ୍ତ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କାଘର ଯୋଜନାରେ ଘର ଖଣ୍ଡେ ମିଳିନାହିଁ। ଭତ୍ତା ପାଇଁ ଆବେଦନ କରିଥିଲେ ସୁଦ୍ଧା ତାହା ମଧ୍ୟ ମିଳିନାହିଁ। ବୟସାଧିକ ଯୋଗୁ ପ୍ରତିଦିନ କାମକୁ ମଧ୍ୟ ଯାଇ ପାରୁ ନାହାନ୍ତି। ମାଟି କାନ୍ଥ ଉପରେ ପଡିଥିବା ଟାଇଲ ଓ ଆଜବେଷ୍ଟସ ଛପର ଭାଙ୍ଗିରୁଜି ଗଲାଣି। କେବେ ଘର ଖଣ୍ଡେ ମିଳିବ ବୋଲି ଅସହାୟ ଭାବେ ପ୍ରକାଶ କରିଛନ୍ତି ଡମ୍ବରୁ। ଡମ୍ବରୁଧରଙ୍କ ପରିବାର କହିଲେ ସ୍ତ୍ରୀ, ଗୋଟିଏ ଝିଅ ଓ ୨ ପୁଅ। ବଡପୁଅ ଅଲଗା ହୋଇଯାଇଥିବାବେଳେ ଝିଅ ଶାଶୁଘରେ ଝଗଡା ଯୋଗୁ ବର୍ଷେ ହେବ ଆସି ବାପ ଘରେ ରହୁଛନ୍ତି। ସାନ ପୁଅ, ଝିଅ ଏବଂ ସ୍ତ୍ରୀଙ୍କ ଦାୟିତ୍ୱ ଏବେ ଡମ୍ବରୁଙ୍କ ଉପରେ। ଘର ଛପର ନଷ୍ଟ ହୋଇ ଯାଇଥିବାରୁ ବର୍ଷା ଦିନେ ପାଣି ଗଳୁଛି। ବଖରାଏ ମାଟି ଘରେ ୪ ଜଣ ରହୁଛନ୍ତି। ଘର ପାଇଁ ଆବେଦନ କରି ଆସୁଥିଲେ ହେଁ ତାଙ୍କ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏ ନଇ ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ ୬୦ ବର୍ଷ ପୁରିଥିବାରୁ ତାଙ୍କୁ ଭତ୍ତା ମିଳିବ, ସେ ଆମ ପାଖକୁ ଆସି ନାହାନ୍ତି। ତାଙ୍କ ବଡ ପୁଅକୁ ଘର ମିଳିଛି, ଡମ୍ବରୁଧର ଆବେଦନ କରି ନାହାନ୍ତି। ଆବେଦନ କଲାପରେ ତଦନ୍ତ କରି ପଦକ୍ଷେପ ନିଆଯିବ।

# ବିଜେଡିର ଜୋନସ୍ତରୀୟ କର୍ମୀ ସମ୍ମିଳନୀ





ସମ୍ମିଳନୀରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।

**ବୁଗୁଡ଼ା,୬।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତରପଡ଼ା ମା’ ସାଙ୍କୁଳେଇ ପୀଠରେ ରବିବାର ବିଜେଡିର ୪୧ନଂ. ଜୋନସ୍ତରୀୟ କର୍ମୀ ସମ୍ମିଳନୀ ବିଜେଡି ସଭାପତି ଇ. ମଦନ ଗୋପାଳ ଦୋରା ଅଧ୍ୟକ୍ଷତା କରିଥିରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଜନସାଧାରଣଙ୍କ ମଧ୍ୟରେ ଏହାର ସଚେତନ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ୨୦୧୯ ନିର୍ବାଚନରେ ବିଜେଡିକୁ ଶକ୍ତିଶାଳି କରିବା ପାଇଁ ସମସ୍ତେ ମିଳିମିଶି ରାଜ୍ୟ ସରକାରଙ୍କ ହାତମୁଠାକୁ ଟାଣ କରିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକ ବିଜେଡି ସମ୍ପାଦକ ବିକ୍ରମାଦିତ୍ୟ ଆରୁଖ, ଜିଲା ବିଜେଡି ସମ୍ପାଦକ ସୁଧାଂଶୁ ଶେଖର ପାଢ଼ୀ, ଜିଲା ଯୁବ ବିଜେଡି ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକଙ୍କ ସମେତ ବିଜେଡିର ସରପଞ୍ଚ, ସମିତିସଭ୍ୟ ଓ ବହୁ କର୍ମୀ ଯୋଗ ଦେଇଥିଲେ।

## ଦିବ୍ୟ ଜୀବନ ସଂଘର ସତ୍‌ସଙ୍ଗ ସମାରୋହ

**କନିଷ୍ଠ,୬।୧(ଡି.ଏନ.ଏ.):** ଦିବ୍ୟ ଜୀବନ ସଂଘ ସମନ୍ୱୟ ସମିତି ଛତ୍ରପୁର ଜିଲା ପକ୍ଷରୁ ରବିବାର ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚମାସ୍ଥିତ ସିଦ୍ଧ ବିନାୟକ ପୀଠରେ ଜିଲାସ୍ତରୀୟ ସାଧନା ଓ ସତ୍‌ସଙ୍ଗ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାର୍ଥନା, ଜପ, ଧ୍ୟାନ, ଗୀତା, ସ୍ୱାଧ୍ୟାୟ ସହ ସାଧୁ ସନ୍ଥ ଓ ପ୍ରବଚକଙ୍କ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ସଦାଶିବାନନ୍ଦ ସରସ୍ୱତୀ, ସ୍ୱାମୀ ଗୋବିନ୍ଦାନନ୍ଦଜୀ, ସ୍ୱାମୀ ହରିଶରଣାନନ୍ଦଜୀ, ଶ୍ରୀଧର ଦାସ, ସ୍ୱାମୀ ଗୁରୁଶରଣାନନ୍ଦଜୀ ପ୍ରବଚନ ଦେଇଥିଲେ। ମହେଶ ତ୍ରିପାଠୀ ଓ ଅରୁଣ ରଥ ଅଧ୍ୟକ୍ଷତା କରିଥିଲେ। ସମନ୍ୱୟ ସମିତି ଦକ୍ଷିଣ ଓଡ଼ିଶାର ସଭାପତି ବିପ୍ରଚରଣ ପାତ୍ର ଉଦବୋଧନ ଦେଇଥିବା ବେଳେ ସଂଗଠନ ପତିତପାବନ କରଣ, ମୋହନ ରେଡ୍ଡୀ, ଶଙ୍କର୍ଷଣ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ୧୦୮ ୟୁନିଟ୍ ରକ୍ତ ସଂଗ୍ରହ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକ ଓ ଅନ୍ୟ ଅତିଥି।

**ଗୋପାଳପୁର,୬।୧**

ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ଗ୍ରାମରେ ରବିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ଥିତ ରାଜୀବ ଗାନ୍ଧୀ ଆବାସ କେନ୍ଦ୍ରରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ରଙ୍ଗେଇଲୁଣ୍ଡା ବ୍ଲକ ଅଧ୍ୟକ୍ଷା ସିଏଚ୍ ଉଷାରାଣୀ, ଅନ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାସ, କେଲୁଆପଲୀ ସରପଞ୍ଚ ବିଷ୍ଣୁପ୍ରିୟା ନାୟକ, ଦିଲୀପ କୁମାର ପାଣିଗ୍ରାହୀ ଓ ସିଏଚ୍ ଭରତ ଯୋଗ ଦେଇଥିଲେ। ଏଥିରେ ବହୁ ଯୁବକ ଓ ମହିଳା ରକ୍ତଦାନ କରିଥିବା ବେଳେ ୧୦୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଅବସରରେ ମଞ୍ଜୁଶ୍ରୀ ଦଳେଇ, ରମେଶ ଚନ୍ଦ୍ର ନାୟକ, ଅଜୁ ନାୟକ, ଲକ୍ଷ୍ମଣ ନାୟକ, ଅରୁଣ ଦଳେଇ, ଟୁକୁନା ମଲାଣ, ବଳରାମ ନାୟକ, ସରୋଜିନୀ ନାୟକ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

- ପୂର୍ବତନ ସରପଞ୍ଚଙ୍କୁ ଆକ୍ରମଣ ମାମଲା, ଜଣେ ଗିରଫ

# ରାଜନୈତିକ ନେତାଙ୍କ ଉପରେ ଆକ୍ରମଣ ବଢୁଛି

**ଭଞ୍ଜନଗର,୬।୧(ଡି.ଏନ.ଏ.)**

ବେଲଗୁଣ୍ଠା ବ୍ଲକ ତନରଡ଼ାର ପୂର୍ବତନ ସରପଞ୍ଚ ଲୋଚନ ଜେନାଙ୍କ ପୁଅ ତଥା ଯୁବ ବିଜେଡ଼ି ନେତା ପ୍ରଦୀପ କୁମାର ଜେନାଙ୍କୁ ଗତ ରବିବାର ରାତିରେ ଗ୍ରାମର ୪ଜଣ ଯୁବକ ଆକ୍ରମଣ କରିଥିଲେ। ଏହି ଘଟଣାର ସପ୍ତାହେ ବିତି ନ ଥିବାବେଳେ ଶନିବାର ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଖଣ୍ଡୁଆଳଙ୍କୁ ତାଙ୍କ ଗ୍ରାମର ଜଣେ ଯୁବକ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ ରବିବାର ଅଭିଯୁକ୍ତ ରତ୍ନାକର ଆପଟଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରିଛି। ଏନେଇ ନଂ.୩।୧୯ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି। ସେହିଭଳି ପୂର୍ବରୁ ପ୍ରଦୀପ ଜେନାଙ୍କୁ ଆକ୍ରମଣ ମାମଲାରେ ତନରଡ଼ାର ୪ଜଣଙ୍କୁ ମଧ୍ୟ ଗତ ସପ୍ତାହରେ ପୋଲିସ ଗିରଫ କରିଛି। ବିଗତ କିଛିଦିନ ହେବ ବେଲଗୁଣ୍ଠା ବ୍ଲକର ଏକାଧିକ ରାଜନୈତିକ ନେତାଙ୍କୁ ଆକ୍ରମଣ ହୋଇଛି। ବିଗତ ସାଧାରଣ ନିର୍ବାଚନ ସମୟରେ ବେଲଗୁଣ୍ଠା ବ୍ଲକରେ ବହୁ ରାଜନୈତିକ ହିଂସାକାଣ୍ଡ ଘଟିଥିଲା। ଆଗକୁ ସାଧାରଣ ନିର୍ବାଚନ, ତେଣୁ ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏନେଇ ବେଲଗୁଣ୍ଠା ଫାଣ୍ଡି ଅଧିକାରୀ ସବ୍ୟସାଚୀ ମଲ୍ଲଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ୨ଟି ଯାକ ଗଣ୍ଡଗୋଳ ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ରାଜନୀତି ସହ ଏହାର କୌଣସି ସମ୍ପର୍କ ନାହିଁ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ଭଞ୍ଜନଗର,୬।୧(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ଚାକୁଣ୍ଡାପଲ୍ଲୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାଦୀ ଗୌଡ଼ଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏନେଇ ଆୟୋଜିତ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭବାନି ଶଙ୍କର ପ୍ରଧାନ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବୀରେନ୍ଦ୍ର ଗୌଡ଼, ବିଦ୍ୟାଳୟ ସଭାପତି ନକୁଳ ଗୌଡ଼, ବାଉଁଶଲୁଣ୍ଡି ବିଦ୍ୟାଳୟ ସଭାପତି ଶଙ୍କର୍ଷଣ ପ୍ରଧାନ, ଏବିଇଓ ସୂର୍ଯ୍ୟନାରାୟଣ ନାୟକ, ସିଆରସିସି ନାରାୟଣ ପ୍ରଧାନ, ସନ୍ତୋଷ ସାହୁ, ମୋଚିରାମ ଗୌଡ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

- ଗୌତମ ସ୍ମାରକୀ ଟୁର୍ଣ୍ଣାମେଣ୍ଟ

## ଋଷିକୁଲ୍ୟା କ୍ରିକେଟ କ୍ଲବ ବିଜୟୀ

**ହିଞ୍ଜିଳିକାଟୁ,୬।୧(ଡି.ଏନ.ଏ.)**

ରୟାଲ କ୍ରିକେଟ କ୍ଲବ ହିଞ୍ଜିଳିକାଟୁ ସ୍ୱୟଂଶାସିତ ବିଜ୍ଞାନ କଲେଜ ଷ୍ଟାଡ଼ିୟମଠାରେ ଚାଲିଥିବା ଗୌତମ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଲିଗ୍ ମ୍ୟାଚ ରବିବାର ଋଷିକୁଲ୍ୟା କ୍ରିକେଟ କ୍ଲବ ସୋରଡ଼ା ଓ ଗାଲାକ୍ସି କ୍ରିକେଟ କ୍ଲବ ମୁଣ୍ଡମରାଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଗାଲାକ୍ସି ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ୧୯୯ ରନ କରିଥିଲା। ଋଷିକୁଲ୍ୟା ୧୯.୧ ଓଭରରେ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଭୁ ପ୍ରସାଦ ପାଣିଗ୍ରାହୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପୋଟିଲିମା କନିଷ୍ଠ ମହାବିଦ୍ୟାଳୟ ଅଧ୍ୟାପକ ନୀଳାଞ୍ଚଳ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# କରୁଣାକର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ

**ପୋଲସରା,୬।୧(ଡି.ଏନ.ଏ.)**

ପୋଲସରା ସହରରେ ରବିବାର କରୁଣାକର ମେମୋରିଆଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୋଲସରା ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀରେ ରୟାଲ-୬ ସହ ଗୋଳାବନ୍ଧ ଟିମ ମଧ୍ୟରେ ହୋଇଥିବା ମୁକାବିଲାରେ ରୟାଲ-୬ ଦଳ ଗୋଳାବନ୍ଧ ଟିମକୁ ୨୫-୨୦, ୨୫-୧୩ରେ ହରାଇ ବିଜୟୀ ହୋଇଥିଲା। ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କ୍ରୀଡ଼ା ଶିକ୍ଷକ ସତ୍ୟ ନାୟକ ମ୍ୟାଚ ରେଫରୀ ଭାବେ ରହି ଖେଳ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଜିଲାର ୧୬ଟି ଟିମ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ତହସିଲଦାର ପ୍ରକାଶ ଚନ୍ଦ୍ର ମିଶ୍ର, କୋଦଳା ଥାନାଧିକାରୀ ସୁଶାନ୍ତ କୁମାର ସେଠୀ, ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ, ଗିରିଜା ଶଙ୍କର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମା’ ସିଂହାସନୀ ଭଲିବଲ ଗ୍ରୁପ ଉକ୍ତ ଟୁର୍ଣ୍ଣାମେଣ୍ଟର ଆୟୋଜକ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ବ୍ରଜେନ୍ଦ୍ର ସାହୁ, କାହ୍ନୁ ଚରଣ ସାହୁ, ତ୍ରିପତି ବାଲାଜୀ ସୁବୁଦ୍ଧି ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।



ମୁଖ୍ୟଅତିଥିଙ୍କ ଦ୍ୱାରା ମ୍ୟାଚ୍ ଉଦ୍‌ଘାଟନ।

## ବ୍ଲୁ-ଆଇଡଲ କ୍ରିକେଟ ଉଦ୍‌ଯାପିତ



ଉପସ୍ଥିତ ଅତିଥି ଏବଂ ଖେଳାଳି।

**ବୁଗୁଡ଼ା,୬।୧(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବ୍ଲୁ-ଆଇଡଲ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଦିବସର ଫାଇନାଲ ମ୍ୟାଚ୍ ପଙ୍କଳ ସାହି ଓ କାନନକୁଟୀର ଟିମ ମଧ୍ୟରେ ହୋଇଥିଲା। ପଙ୍କଳ ସାହି ଟିମ ପ୍ରଥମେ ବ୍ୟାଟିଂ କରି ୧୦୦ ରନ କରିଥିବା ବେଳେ କାନନକୁଟୀର ଟିମ୍ ୮୮ ରନ କରିଥିଲା। ଫଳରେ ପଙ୍କଳ ସାହି ଟିମ ବିଜୟୀ ହୋଇଥିଲା। ଉଦ୍‌ଯାପନୀରେ

### ପଙ୍କଳସାହି ଚାମ୍ପିୟନ

ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ନାୟକ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରେବତୀ ମୋହନ ନାୟକ, କିଶୋର ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପରିଚାଳନାରେ ବିଭୁ ପ୍ରସାଦ ନାୟକ, ଶିବ ପ୍ରସାଦ ନାୟକ, ଦୁର୍ଗା ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ।

# ପୁଞ୍ଜିପତି ସପକ୍ଷବାଦୀ ନୀତି ବିରୋଧରେ ଲଢ଼େଇ ହେବ : ସିପିଆଇଏମ୍

**ଦିଗପହଣ୍ଡି,୬।୧(ଡି.ଏନ.ଏ.)**

କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସମୂହର ଡାକରାକ୍ରମେ ସର୍ବଭାରତୀୟ ଧର୍ମଘଟ ଡାକରାକୁ ସଫଳ କରିବା ପାଇଁ ସିପିଆଇଏମ୍ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ ରବିବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ଚରମ ଦେବାଳିଆ ଏବଂ ଏକଚାଟିଆ ପୁଞ୍ଜୀପତି ସପକ୍ଷବାଦୀ ନୀତି ବିରୋଧରେ ମଙ୍ଗଳବାରରୁ ଦୁଇଦିନ ବ୍ୟାପୀ ହରତାଳ କରାଯିବ ବୋଲି ସେ କହିଛନ୍ତି। ଗତ ସାଢ଼େ ୪ ବର୍ଷ ମଧ୍ୟରେ ପ୍ରତ୍ୟେକ ଜନସାଧାରଣ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସାଧାରଣ ଜନତାଙ୍କୁ ଲୁଟ କରି ହାତଗଣତି ପୁଞ୍ଜୀପତିଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରୁଛନ୍ତି। ନୂତନ ନିଯୁକ୍ତି ବନ୍ଦ ଯୋଗୁ ଶ୍ରମିକ ଓ କର୍ମଚାରୀଙ୍କ ଉପରେ ୪ ରୁ ୫ ଗୁଣ କାମର ଚାପ ବଢ଼ିଛି। ବ୍ୟାଙ୍କ ମାନଙ୍କରେ ଅନାଦେୟ ଋଣ ଭାର ବଢ଼ିଛି। ଚାଷୀଙ୍କୁ ଉତ୍ପାଦିତ ଫସଲର ସର୍ବନିମ୍ନ ବଜାର ଦର ମିଳୁନଥିବାରୁ ଚାଷୀ ଆତ୍ମହତ୍ୟା ବଢ଼ି ଚାଲିଛି। ସାମାଜିକ କ୍ଷେତ୍ରରେ ଆଦିବାସୀ, ଦଳିତ, ମହିଳା ଓ ସଂଖ୍ୟାଲଘୁଙ୍କ ଉପରେ ହିଂସା ବଢୁଛି। ଧର୍ମ ନାଁରେ ଲୋକଙ୍କୁ ବିଭ୍ରାନ୍ତ କରି ଅସଲ ସମସ୍ୟାରୁ ଲୋକଙ୍କ ଦୃଷ୍ଟିକୁ ଆଡୁଆଳ କରିବାର ଚେଷ୍ଟା ଚାଲିଛି। ତ୍ରୁଟିପୂର୍ଣ୍ଣ ନୀତିର ପ୍ରତିବାଦ କଲେ ମାଓବାଦୀ ବା ଦେଶଦ୍ରୋହୀ ଆଖ୍ୟା ଦିଆଯାଉଛି। ତେଣୁ ଶ୍ରମିକ କୃଷକ ଓ ସାଧାରଣ ଜନତାଙ୍କ ଜୀବନ ଜୀବିକାର ୧୨ ଦଫା ଦାବି ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଉଦାସୀନତା ଓ ଶ୍ରମିକ ମାରଣ ତଥା ଜନ ବିରୋଧି ନୀତି ପ୍ରତିବାଦରେ ଦେଶବ୍ୟାପୀ ସାଧାରଣ ଧର୍ମଘଟକୁ ସଫଳ କରାଇ କେନ୍ଦ୍ର ସରକାରଙ୍କୁ ଠିକଣା ଜବାବ ଦେବା ପାଇଁ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଗଞ୍ଜାମ ଜିଲା କମିଟି ନିବେଦନ କରୁଥିବା ସେ ଜଣାଇଛନ୍ତି।

### ସିପିଆଇଏମ୍ ପକ୍ଷରୁ ପଥପ୍ରାନ୍ତ ସଭା

**ଦିଗପହଣ୍ଡି,୬।୧(ଡି.ଏନ.ଏ.):** ସର୍ବଭାରତୀୟ ଶ୍ରମିକ ଫେଡେରେସନ ପକ୍ଷରୁ ୮ ଓ ୯ ତାରିଖ ଦେଶବ୍ୟାପୀ ହରତାଳ ଧର୍ମଘଟକୁ ସଫଳ କରିବା ପାଇଁ ରବିବାର ସନ୍ଧ୍ୟାରେ ଦିଗପହଣ୍ଡି ବସଷ୍ଟାଣ୍ଡ ବଜାର ଓ ପୁଞ୍ଜିକୟାଁ ଛକରେ ପଥପ୍ରାନ୍ତ ସଭା କରାଯାଇଥିଲା। ସିପିଆଇଏମ ପକ୍ଷରୁ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ଅଶ୍ୱିନୀ କୁମାର ଦାସ, କୁରେଶୁ ପଣ୍ଡା, ପି. ଶିବ ଶଙ୍କର, ଗଞ୍ଜାମ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଫୁଲ୍ଲ ପଣ୍ଡା ସଭାରେ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ର ସରକାର ଖାଉଟି ମୂଲ୍ୟ ସୂଚୀ ଆଧାରରେ ସର୍ବନିମ୍ନ ମାସିକ ମଜୁରୀ ୧୮ ହଜାର ଟଙ୍କା ନ କରିବା, କୃଷି ସଙ୍କଟର ସମାଧାନରେ ବିଫଳତା, ଅଙ୍ଗନୱାଡ଼ି ଆଦି ୧୨ ଦଫା ଦାବି ହାସଲ ପାଇଁ ସମସ୍ତ ଜନସାଧାରଣ ଏହି ୨ ଦିନିଆ କାର୍ଯ୍ୟବନ୍ଦ କରିବା ପାଇଁ ବିଭିନ୍ନ ଦଳୀୟ ନେତା କହିଥିଲେ। ପୂର୍ବରୁ ବ୍ଲକର ବିଭିନ୍ନ ପଞ୍ଚାୟତରେ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ସିପିଆଇଏମ ପକ୍ଷରୁ ପ୍ରତିବାଦ ସଭା କରାଯାଇଥିଲା। ସଭାରେ ସିପିଆଇର ଦୈତାରି ରେଡ୍ଡୀ, ମୂଷା ବେହେରା ପ୍ରମୁଖ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସାମନ୍ତିଆପଲ୍ଲୀ ବନାଞ୍ଚଳରେ ପକ୍ଷୀ ଗଣନା

ପାତ୍ରପୁର,୬।୧(ଡି.ଏନ୍.ଏ.): ସାମନ୍ତିଆପଲ୍ଲୀ ବନାଞ୍ଚଳ ଅଧୀନରେ ଚଳିତବର୍ଷ ପକ୍ଷୀଗଣନା କାର୍ଯ୍ୟ ଶେଷ ହୋଇଛି। ବାତ୍ୟା ପ୍ରଭାବରେ ଗଛ ଓ ପକ୍ଷୀ ଆଶ୍ରୟସ୍ଥଳ ଭାଙ୍ଗି ଯାଇଥିଲେ ମଧ ଗତବର୍ଷଠାରୁ ଚଳିତବର୍ଷ ଅଧିକ ପକ୍ଷୀ ଥିବା ଜଣାପଡିଛି। ଗତ ୩ଦିନ ଧରି ବନବିଭାଗ ଅଧିକାରୀମାନେ ମହେନ୍ଦ୍ର ତନୟା ଜଳ ଭଣ୍ଡାର, ବାଘଲଟି ଜଳ ଭଣ୍ଡାର, ମୁକୁନ୍ଦ ଦେବ ସାଗର, ଡାହାଣୀ ବଟ ସାଗର, ଗୋପାଳ ସାଗର, ପଣ୍ଡା ବନ୍ଧ ଇଲାକାରେ ପକ୍ଷୀଗଣନା କରା ଯାଇଥିଲା। ଗତବର୍ଷ ୨୪୫୦ ପକ୍ଷୀ ଥିବାବେଳେ ଚଳିତ ବର୍ଷ ୨୮୧୬ ଗୋଟି ପକ୍ଷୀ ଥିବା ଜଣାପଡିଛି। ଗତବର୍ଷ ୩୫ ପ୍ରଜାତିର ପକ୍ଷୀ ଥିବାବେଳେ ଚଳିତ ବର୍ଷ ୭୫ ପ୍ରଜାତିର ପକ୍ଷୀ ଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶଙ୍ଖଚିଲଙ୍କ ସଂଖ୍ୟା ବୃଦ୍ଧି ଘଟିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

### ବିଭିନ୍ନ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଗିରଫ, ବାଇକ୍ ଜବତ



ଦାରିଙ୍ଗବାଡି,୬।୧(ଡି.ଏନ.ଏ.): ଦାରିଙ୍ଗବାଡି ଥାନା ସିମନବାଡି ଅଞ୍ଚଳରୁ ବିଭିନ୍ନ ମାମଲାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କୃପାକର ମୁଖି ଓରଫ ବାଣୁଆ ଓରଫ ଅନିଲ ବୋଲି ଆଇଆଇସି ଅଲେଖ ଗରଡିଆ କହିଛନ୍ତି। ତାଙ୍କ ନାମରେ କେବଳ ଦାରିଙ୍ଗବାଡି ଥାନାରେ ୮ ମାମଲା ରହିଛି। ପୋଲିସ ତାଙ୍କଠାରୁ ଏକ ଚୋରା ବାଇକ (ନଂ.ଓଆର୦୨ଏବି-୫୫୮୩) ଜବତ କରିଛି। କୃପାକର ବିଭିନ୍ନ ସମୟରେ ନାମ ପରିବର୍ତ୍ତନ କରି ପୋଲିସକୁ ଚକ୍ମା ଦେଇ ଖସିଯାଉଥିଲେ। ଜାମିନ ବିହୀନ ଗିରଫ ପରୱାନା ବଳରେ ତାଙ୍କୁ ଗିରଫ କରାଯାଇଛି। କୃପାକର ଦୀର୍ଘଦିନ ଧରି ଫେରାର ଥିଲେ। ଏବେ ଗ୍ରାମକୁ ଆସିଥିବା ଖବର ପାଇଁ ଆଇଆଇସି ଗରଡିଆ ସଦଳବଳ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ। ତାଙ୍କ ନାମରେ ନଂ.୨/୧୯ରେ ମାମଲା ରୁଜୁ କରି ଗିରଫ କରାଯାଇଛି।

### ବିଦ୍ୟୁତ୍ ଆଘାତରେ ଛାତ୍ର ମୃତ

ବୁଗୁଡ଼ା,୬।୧(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଘୋଳପୁର ଗ୍ରାମରେ ରବିବାର ବିଦ୍ୟୁତ ଆଘାତରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଧବଳେଶ୍ୱର ଖାଡ଼ଙ୍ଗାଙ୍କ ପୁତ୍ର ଶିଶିର କାନ୍ତ (୧୫)। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଶିଶିର ୱାଟର ହିଟର ଲଗାଉଥିବା ବେଳେ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ସେ ଅଚେତ ହୋଇପଡ଼ିବାରୁ ତାଙ୍କୁ ମାଣିତରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଜୋନସ୍ତରୀୟ ୱାର୍ଡ କମିଟି କର୍ମଶାଳା



ଗଞ୍ଜାମ,୬।୧(ଡି.ଏନ.ଏ.): ଗଞ୍ଜାମ ବ୍ଲକ ବିଜେଡି ପକ୍ଷରୁ ସନ୍ତୋଷପୁର ବାତ୍ୟା ଆଶ୍ରୟସ୍ଥଳୀରେ ଜୋନସ୍ତରୀୟ ୱାର୍ଡ କମିଟି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ସମସ୍ତ ଦଳୀୟ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବେ ଏବଂ ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଲୋଚନା ହୋଇଥିଲା। ଛତ୍ରପୁର ବିଧାୟକ ଡ. ପ୍ରିୟାଂଶୁ ପ୍ରଧାନଙ୍କ ହାତମୁଠା ଟାଣ କରିବା ପାଇଁ ସମସ୍ତ ଦଳୀୟ କର୍ମୀ ଶପଥ ନେଇଥିଲେ। ଏଥିସହିତ ରାଜ୍ୟ ସରକାରଙ୍କ ପ୍ରତି ପଞ୍ଚାୟତକୁ ଉନ୍ନତି ଯୋଜନାରେ ଆସିଥିବା ୨୫ ଲକ୍ଷ ଲେଖାଏ ଟଙ୍କା ଉନ୍ନୟନମୂଳକ କାର୍ଯ୍ୟରେ ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ପାଇଁ ବିଧାୟକ ପ୍ରଧାନ ନିର୍ଦ୍ଦେଶ ଦେଇଥିବା ବ୍ଲକ ସାଧାରଣ ସମ୍ପାଦକ ଉମା ଜେନା ଗଣମାଧମକୁ ସୂଚନା ଦେଇଛନ୍ତି। ଏଥିରେ ଜିଲା ପରିଷଦ ସଭ୍ୟା ଜେ. ସନ୍ତୋଷୀ ରେଡ୍ଡୀ, ଜିଲା ମହିଳା ଉପସଭାପତି ସ୍ୱର୍ଣ୍ଣବାଳା ବିଶୋଇ, ଜିଲା ସମ୍ପାଦକ ମନୋଜ ପାଢ଼ୀ, ପୂର୍ବତନ ବ୍ଲକ ଉପାଧକ୍ଷ ଆର. ଭାଗ୍ୟ ରେଡ୍ଡୀ, ବ୍ଲକ ଉପାଧକ୍ଷା ମିନତି ପ୍ରଧାନ, ସମିତିସଭ୍ୟ କୈଳାସ ସ୍ୱାଇଁ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

---

■ ବିଦ୍ୟୁତ୍, ପିଇବା ପାଣି ପାଇଁ ନିବେଦନ କରି ନୟାନ୍ତ

# ସୁଧୁରୁନି ସିଞ୍ଜାକୁଟିବାସୀଙ୍କ ସମସ୍ୟା



ସିଞ୍ଜାକୁଟି ଗ୍ରାମ।



ଗ୍ରାମର ଗୋଟିଏ କୂଅ ଉପରେ ନିର୍ଭର କରୁଥିବା ଗ୍ରାମବାସୀ।

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୬।୧(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ସରାମୂଳି ପଞ୍ଚାୟତ ସିଞ୍ଜାକୁଟି ଗ୍ରାମବାସୀଙ୍କ ସମସ୍ୟା ସୁଧୁରୁନି। ଦୀର୍ଘବର୍ଷ ଧରି ଗ୍ରାମବାସୀ ଅନ୍ଧାରରେ ରାତି କାଟି ଆସୁଥିବା ବେଳେ ଗାଁକୁ ଭଲ ରାସ୍ତା କି ପିଇବା ପାଣି ପାଇଁ କୌଣସି ସୁବିଧା ନାହିଁ। ବାରମ୍ବାର ପଞ୍ଚାୟତ ବୈଠକ ସହ ବ୍ଲକ କାର୍ଯ୍ୟାଳୟକୁ ଆସି ଗ୍ରାମବାସୀ ସମସ୍ୟା ଜଣାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏହାର ପ୍ରତିବାଦରେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏଥିପାଇଁ ଘନ ଘନ ବୈଠକ ଚାଲିଛି।

ସିଞ୍ଜାକୁଟି ଗ୍ରାମ ସିକଟସ୍ଥ ତଡ଼ଗାବାଲି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇସାରିଛି। ହେଲେ ଆମ ଗ୍ରାମକୁ ବିଦ୍ୟୁତ ସଂଯୋଗ ବିଳମ୍ବ କରାଯାଉଥିବା ସିଞ୍ଜାକୁଟିର ରବୀନ୍ଦ୍ର ମଲ୍ଲିକ, ଯତୀନ ପାଟମାଝି, ବୀରେନ୍ଦ୍ର ମଲ୍ଲିକ ପ୍ରମୁଖ କହିଛନ୍ତି। ସେହିପରି ଗ୍ରାମ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷାଦାନ କରାଯାଉଥିବା ବେଳେ ଗୋଟିଏ ମାତ୍ର ଶ୍ରେଣୀଗୃହ ରହିଛି। ଗାଁରେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ଶିଶୁମାନେ ପଡ଼ୋଶୀ ଗ୍ରାମକୁ ଜଙ୍ଗଲ ରାସ୍ତା ଦେଇ ଯାଉଛନ୍ତି। ଏଥିଯୋଗୁ ପିଲାଙ୍କୁ ଅଙ୍ଗନୱାଡିକୁ ପଠାଉ ନ ଥିବା କହିଛନ୍ତି ଗ୍ରାମର ନାଗାଲାଟୁ ମଲ୍ଲିକ ଓ ଶକୁନ୍ତଳା ମଲ୍ଲିକ। ଅନ୍ୟପକ୍ଷରେ ଗ୍ରାମବାସୀ ପିଇବା ପାଣି ପାଇଁ ଗ୍ରାମଠାରୁ ଅଧ କିମି ଦୂର ଏକ ବିଲ ମଧ୍ୟରେ ଥିବା ଦୂଷିତ କୂଅ ଉପରେ ନିର୍ଭର କରୁଛନ୍ତି। ଗୃହପାଳିତ ପ୍ରାଣୀ ମଧ ଉକ୍ତ ପାଣିକୁ ବ୍ୟବହାର କରୁଥିବା ଗ୍ରାମର ସାଶନ୍ତି ମଲ୍ଲିକ, ମଧୁଲତା ମଲ୍ଲିକ, ଅନିତା ପାଟମାଝି ପ୍ରମୁଖ କହିଛନ୍ତି। ରାଶନ ସାମଗ୍ରୀ ଆଣିବାକୁ ହେଉ କି ରୋଗୀଙ୍କୁ ଡାକ୍ତରଖାନା ନେବାକୁ ପ୍ରାୟ ୧୦ କିମି ଦୂର ଜଙ୍ଗଲ ପାହାଡ଼ ଦେଇ ପାଦଚଲା ରାସ୍ତାରେ ଯିବାକୁ ପଡୁଛି। ଲୋକଙ୍କ ସମସ୍ୟା ବୁଝିବାକୁ ବିଡିଓ ସିଞ୍ଜାକୁଟି ଗ୍ରାମକୁ ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସମସ୍ୟା ସୁଧୁରି ନ ଥିବା ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ସରାମୂଳି ପଞ୍ଚାୟତର ୧୩ ନଂ ୱାର୍ଡ ସିଞ୍ଜାକୁଟି ଗ୍ରାମରେ ୨୫ ପରିବାରର ପ୍ରାୟ ୧୫୦ ଜଣ ରହିଛନ୍ତି। ସମସ୍ତ ପରିବାର ବିପିଏଲ। ସରକାରଙ୍କ ପକ୍ଷରୁ ସହଯୋଗ କରାଗଲେ ବିକାଶ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ବିଡିଓ ତ୍ରିଲୋଚନ ପାତ୍ର କହିଛନ୍ତି ଯେ, ଯେ ତିତ୍‌ଲି କ୍ଷୟକ୍ଷତି ଯୋଗୁ ଉକ୍ତ ଗ୍ରାମ ରାସ୍ତାର ଉନ୍ନତୀକରଣ ପାଇଁ ୪ ଲକ୍ଷ ଟଙ୍କା ଦିଆଯାଇଛି। ଅନ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି।

---

■ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ

## ସମାଜ ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭଞ୍ଜନଗର,୬।୧(ଡି.ଏନ.ଏ.)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠରେ ରବିବାର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଙ୍ଗଠକ ଶଶଧର ବେହେରା, ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ଜିଲା ମହିଳା ପାଠଚକ୍ର ସଙ୍ଗଠିକା ଗୀତାଞ୍ଜଳି ସେନାପତି, ରତ୍ନପ୍ରଭା ଦାସ, ଶକ୍ତିପୀଠ ଟ୍ରଷ୍ଟି ନିରଦାବାସିନୀ ପଟ୍ଟନାୟକ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଅନୁପମ ବାନାର୍ଜି, ସମ୍ପାଦିକା ବିଜୟ ଲକ୍ଷ୍ମୀବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜ ଗଠନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଜିତ ଉତ୍ସବରେ ଯୋଗଦେଇ ବକ୍ତାମାନେ କହିଥିଲେ। ସ୍ଥାନୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି କୃତିବାସ ବିଶ୍ୱାଳ ଉତ୍ସବରେ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ସୁନନ୍ଦା ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପ୍ରତିମା ମହାରଣା ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ରତ୍ନମଞ୍ଜରୀ ପଣ୍ଡା ମା' ବହି ପଠନ କରିଥିଲେ। ଶିକ୍ଷାକେନ୍ଦ୍ରର ସମ୍ପାଦକ ବିରେନ୍ଦ୍ର କେଶରୀ ଗୌଡ଼, ସିମାଞ୍ଚଳ ମହାରଣା, ଅଧ୍ୟକ୍ଷ ବସନ୍ତ ଖାଡ଼ଙ୍ଗା, ରମେଶ ବେହେରା, ଦେବରାଜ ପ୍ରଧାନ, ପୁରୁଷୋତ୍ତମ ଖଣ୍ଡୁଆଳ, ସୁବାସ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସକାଳେ ଅତିଥିମାନଙ୍କ ଦ୍ୱାରା ମାତୃପତାକା ଉତ୍ତୋଳନ ପରେ ଅପରାହ୍ନରେ ଅବତରଣ ଉତ୍ସବ ହୋଇଥିଲା।




ଶିକ୍ଷୟିତ୍ରୀ ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରୁଛନ୍ତି।

---

■ ସ୍ମୃତି କମିଟି ବୈଠକ

## ରକ୍ତଦାନ ଶିବିର, ସାମାଜିକ କାର୍ଯ୍ୟ ଉପରେ ଗୁରୁତ୍ୱ



ସ୍ମୃତି କମିଟିର ବୈଠକ ଚାଲିଛି।

ଛତ୍ରପୁର,୬।୧(ଡି.ଏନ୍.ଏ.)

ଓଡିଶା ହକି ସିନିୟର ଟିମର ମ୍ୟାନେଜର ତଥା ଗଞ୍ଜାମ ଜିଲା ହକିଆସୋସିଏଶନର ସଭାପତି ସ୍ୱର୍ଗତ ପ୍ରଭାକର ପଟ୍ଟନାୟକଙ୍କ ସ୍ମୃତିରେ ଛତ୍ରପୁରଠାରେ ରକ୍ତଦାନ ଶିବିର ଓ ବିଭିନ୍ନ ସାମାଜିକ କାର୍ଯ୍ୟ କରାଯିବ। ରବିବାର ଛତ୍ରପୁରର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ସ୍ମୃତି କମିଟି ଗଠନ ହୋଇଥିଲା। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ କମିଟିର ଉପଦେଷ୍ଟା ରହିଛନ୍ତି। ସୁଧୀର ପଟ୍ଟନାୟକ ସଭାପତି, ଭାସ୍କର ପଟ୍ଟନାୟକ ଉପସଭାପତି, ବି. ରାଜୁ ବାବୁ ସମ୍ପାଦକ, ଅରୁଣ ଶତପଥୀ ସଂଗଠନ ସମ୍ପାଦକ, ସମାପ୍ତି ପଟ୍ଟନାୟକ ସହ ସମ୍ପାଦିକା, ସନ୍ତୋଷ କୁମାର ମିଶ୍ର, କ୍ଷୀରୋଦ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମହାରଣା,ଏ. ଚେନ୍ନେୟା ପାତ୍ର, ଗଗନ ପଟ୍ଟନାୟକ, ଟି. ରବି ରାଓ, ବି. ଶ୍ରୀନିବାସ ମୂର୍ତ୍ତି, ଭବାନୀ ପାଣିଗ୍ରାହୀ, ଟି. ଆପା ରାଓ ପ୍ରମୁଖ କମିଟିର ସଦସ୍ୟ ରହିଛନ୍ତି। ମ୍ୟାନେଜର ପଟ୍ଟନାୟକଙ୍କ ନେତୃତ୍ୱରେ ଓଡିଶା ସିନିୟର ହକି ଟିମ୍ ପ୍ରତିବର୍ଷ ଜାତୀୟ ସ୍ତରୀୟ ଚାମ୍ପିୟନଶିପରେ ସଫଳତା ପାଇଥିଲା। ଏଥିସହ ଗଞ୍ଜାମ ଜିଲାରେ ହକିର ବିକାଶ ପାଇଁ ତାଙ୍କର ଅବଦାନ ଅତୁଳନୀୟ। ଗଞ୍ଜାମ ଜିଲା ନାଟ୍ୟ ସଂଘର ମଧ ସେ ପୁରୋଧା ଥିଲେ। ଏଣୁ ତାଙ୍କ ସ୍ମୃତିରେ ସାମାଜିକ କାର୍ଯ୍ୟ କରିବା ପାଇଁ ଛତ୍ରପୁରର ବୁଦ୍ଧିଜୀବୀମାନେ ନିଷ୍ପତ୍ତି ନେଇଥିବା ଏକ ପ୍ରେସ ବିବୃତିରେ ସୂଚନା ଦିଆଯାଇଛି।

---

## ନବଘନଙ୍କୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନରେ ସମ୍ମାନିତ

କବିସୂର୍ଯ୍ୟନଗର,୬।୧

ଗତ ୨ରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦକ୍ଷିଣ ଓଡ଼ିଶା ଲୋକ ସଂସ୍କୃତି ସମ୍ମାନ ବିଶିଷ୍ଟ ନାଟ୍ୟଗୁରୁ ନବଘନ ପରିଡ଼ାଙ୍କୁ ମୁଖ୍ୟଅତିଥି ପଦ୍ମଶ୍ରୀ ମନୋଜ ଦାସ ପ୍ରଦାନ କରିଥିଲେ। ଏହି ଅବସରରେ କବିସୂର୍ଯ୍ୟନଗର ଓ ଆଖପାଖ ଅଞ୍ଚଳର ସମସ୍ତ ଛାତ୍ରୀଛାତ୍ର ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏ ନେଇ ରାଲିରେ ଏନ୍‌ଏସି ପରିକ୍ରମା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହରିହର ଶାସ୍ତ୍ରୀୟ ସଙ୍ଗୀତ ବିଦ୍ୟାଳୟରେ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଥିଲା। ଏଥିରେ ବିଶିଷ୍ଟ ସମାଜସେବୀ ଶ୍ୱେତ ଦୋରା ଓ ମାହେଶ୍ୱରୀ ଦୋରା, ମନୋରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ, ରସଲ ଦାସ, ମୁନା ସ୍ୱାଇଁ, ପ୍ରାଧ୍ୟାପକ କୈଳାସ ନାଥ ସ୍ୱାଇଁ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।



---

## ବିଜେଡିର ବନ୍ଧୁମିଳନ



ବୈଠକରେ ଉପସ୍ଥିତ ନେତା ଓ କର୍ମୀ।

ଛତ୍ରପୁର,୬।୧(ଡି.ଏନ୍.ଏ.)

ଛତ୍ରପୁର ନିର୍ବାଚନମଣ୍ଡଳୀ ବିଜେଡିର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଶାନ୍ତ କର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭଗବାନ ବେହେରା, ଭଗବାନ ନାହାକ, ପୂର୍ବତନ ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ସମିତିସଭ୍ୟା ରଶ୍ମିତା ବେହେରା, ମହେଶ୍ୱର ପ୍ରଧାନ, ବଟକୃଷ୍ଣ ପଣ୍ଡା, ମାର୍କଣ୍ଡ ବେହେରା, ସୁରେଶ ଦାସ, ଡି. ଲାଛନା ରାଓ, କାଳିଆ ନାହାକ, ବ୍ରହ୍ମପୁର ଏମ୍‌ପିଙ୍କ ଛତ୍ରପୁର ବ୍ଲକ ପ୍ରତିନିଧି ଜଟିଆ ନାହାକଙ୍କ ସମେତ ଛତ୍ରପୁର ଓ ଗଞ୍ଜାମ ବ୍ଲକର ବିଜେଡି ନେତାମାନେ ଯୋଗଦେଇଥିଲେ। ବିଜେଡିର ସାଙ୍ଗଠନିକ ବୃଦ୍ଧିନେଇ କାମକରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତମାସ ଶେଷ ସପ୍ତାହରେ ଛତ୍ରପୁରଠାରେ ଏକ ବିଶାଳ କର୍ମୀ ସମାବେଶ ଆୟୋଜନ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ନେତାମାନେ କହିଥିଲେ।

---

## ଗ୍ରୀନବାଡି ଗ୍ରାମ୍ୟ କମିଟି ବୈଠକ

ଦାରିଙ୍ଗବାଡି,୬।୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଗ୍ରୀନବାଡି ଗ୍ରାମରେ ରବିବାର ଗ୍ରାମ୍ୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଜୁନସ ନାୟକ ସଭାପତିତ୍ୱ କରିଥିଲେ। ଗ୍ରାମର ବିକାଶ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପାରମ୍ପରିକ ପୂଜାର୍ଚ୍ଚନା ଗାଁ ଠାକୁରାଣୀଙ୍କ ପୂଜାର୍ଚ୍ଚନା ସହ ଭଗବତି ତୁଙ୍ଗି ଚଳାଇବା ନେଇ ଆଲୋଚନା କରାଯାଇଥିଲା। ପରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତିଭାବେ ଗୋପାଳ ନାୟକଙ୍କୁ ଚୟନ କରାଯାଇଥିବାବେଳେ ଉପସଭାପତି ଭାବେ ନରେନ ନାୟକ, ସମ୍ପାଦକ ଲକ୍ଷ୍ମୀକାନ୍ତ ମଲିକ, ସହସମ୍ପାଦକ ସଂଗ୍ରାମ କୁମାର ନାୟକ, କୋଷାଧ୍ୟକ୍ଷ ଭାବେ ଅନିଳ ନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି ଉପଦେଷ୍ଟା କମିଟିରେ ବିଦେଶୀ ନାୟକଙ୍କ ସମେତ ପ୍ରଭାକର ଦିଗାଳ, ଜୁନସ ନାୟକ, ଅନ୍ତର୍ଯ୍ୟାମୀ ନାୟକ, ଅକ୍ଷୟ ନାୟକ, ସୀମାଦ୍ରି ନାୟକ ପ୍ରମୁଖଙ୍କୁ ଚୟନ କରି ଦାୟିତ୍ୱ ପ୍ରଦାନ ସହ ଶପଥ ପାଠ କରାଯାଇଥିଲା। ଭଗବତୀ ତୁଙ୍ଗିର ସଂକିର୍ତ୍ତନ ମଣ୍ଡଳୀ ମ୍ୟାନେଜର ଭାବେ ରାଜେନ୍ଦ୍ର ନାୟକ ଏବଂ ତାଙ୍କୁ ସହଯୋଗ କରିବାକୁ ବିଟୁ ନାୟକଙ୍କୁ ଚୟନ କରାଯାଇଥିଲା।



ଗ୍ରୀନବାଡି ଗ୍ରାମ୍ୟ କମିଟିର କର୍ମକର୍ତ୍ତା।

---

## ଧର୍ମଘଟ ସଫଳ ପାଇଁ ପ୍ରସ୍ତୁତି ବୈଠକ

ଗଞ୍ଜାମ,୬।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ସିପିଆଇ ପକ୍ଷରୁ ଆସନ୍ତା ୮, ୯ରେ ହେବାକୁ ଥିବା ଧର୍ମଘଟ ସଫଳ ପାଇଁ ଏକ ପ୍ରସ୍ତୁତି ବୈଠକ ତ୍ରିବେଣୀ ମଠ ଛକରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଶ୍ରମିକ ନେତା ବୃନ୍ଦାବନ ପଲାଇ ଅଧ୍ୟକ୍ଷତା କରିଥିଲେ। ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ଆହ୍ୱାନକ୍ରମେ ଉକ୍ତ ଭାରତ ବନ୍ଦ ସଫଳ ପାଇଁ ଗଞ୍ଜାମ ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏଥିରେ ସିଆଇଟିୟୁସି ନେତା ତଥା ସରପଞ୍ଚ ଦିଲୀପ ଛୋଟରାଏ, ଟ୍ରେଡ ୟୁନିୟନର କୈଳାସ ପଲାଇ, ଏଆଇଟିୟୁସିର ଜିଲା ଟ୍ରେଡ ୟୁନିୟନ ଯୁବନେତା ବିପିନ ବାରିକି, ହରିହର ବିଶ୍ୱାଳ, ଗଞ୍ଜାମ ଶାଖା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଲାଇ, ବିଦ୍ୟାଧର ବିଶ୍ୱାଳଙ୍କ ସମେତ ଅନ୍ୟାନ୍ୟ ଶ୍ରମିକ ସଙ୍ଗଠନ ନେତା ଉପସ୍ଥିତ ଥିଲେ।

---

ଘୁମୁସର ଗଟ୍ ଟ୍ୟାଲେଣ୍ଟ

## ପ୍ରଥମ ରାଉଣ୍ଡ ସରିଲା, ୧୪ରେ ଫାଇନାଲ



ବିଚାରକମଣ୍ଡଳୀଙ୍କ ଗହଣରେ ଅଭିନେତା ଆଶିଷ।

ଭଞ୍ଜନଗର,୬।୧(ଡି.ଏନ.ଏ.)

ଘୁମୁସର ଗଟ୍ ଟ୍ୟାଲେଣ୍ଟର ଗୀତ, ନୃତ୍ୟ, ମଡେଲିଂ ପ୍ରତିଯୋଗିତା ୨ଦିନ ଧରି ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ହୋଇଥିଲା। ପ୍ରଥମ ରାଉଣ୍ଡ ପ୍ରତିଯୋଗିତା ରବିବାର ରାତିରେ ସରିଥିବାବେଳେ ୧୪ ତାରିଖରେ ଫାଇନାଲ ରାଉଣ୍ଡ ସ୍ଥାନୀୟ ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଅନୁଷ୍ଠିତ ହେବ। ଏଥିସହ ମୁଭ୍ ଦି ୱାର୍ଲ୍ଡର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାର କଳାକାରମାନେ ଅତିଥି ଓ ବିଚାରକ ଭାବେ ଯୋଗ ଦେବେ ବୋଲି ଓଲିଉଡ୍ ସିନେତାରାକା ତଥା ମୁଭ୍ ଦି ୱାର୍ଲ୍ଡର ପରିଚାଳନା ନିର୍ଦ୍ଦେଶକ ଆଶିଷ କୁମାର ଗୌଡ ସୂଚନା ଦେଇଛନ୍ତି। ବିଗତ ୨ଦିନର ପ୍ରତିଯୋଗିତା ଗୁଡ଼ିକ ପାଇଁ ବମ୍ବେ, କୋଲକାତା, ଭୁବନେଶ୍ୱର ଓ ବ୍ରହ୍ମପୁରରୁ ବିଚାରକମାନେ ଆସିଥିଲେ। ସଙ୍ଗୀତରେ ମାଧବ ଓ ବିଦିଶା, ମଡେଲିଂରେ ରମିତା, ଦେବାଶିଷ ଓ ନୃତ୍ୟରେ ପଲ୍ଲବୀ ଏବଂ ଶିବୁ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ଭଞ୍ଜନଗରର ଶହଶହ ପ୍ରତିଯୋଗୀ ଭାଗନେଇ ନିଜର କଳା ପ୍ରଦର୍ଶନ କରିଥିଲେ। ଜୁନିୟର, ସବ୍ ଜୁନିୟର ଓ ସିନିୟର ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପ୍ରତ୍ୟେକ ପ୍ରତିଯୋଗୀଙ୍କ ବୟସ ୩ରୁ ୨୫ବର୍ଷ ମଧ୍ୟରେ ଥିଲା। ମିସ୍ ଘୁମୁସର ଓ ମିଷ୍ଟର ଘୁମୁସର ଫାଇନାଲ ରାଉଣ୍ଡରେ ଚୟନ ହେବ। ଭଞ୍ଜନଗରରେ ପ୍ରଥମ ଥର ପାଇଁ ଏହିଭଳି ପ୍ରତିଯୋଗିତା ଆୟୋଜନ ହୋଇଛି। ଆଗାମୀ ଦିନରେ ଏଥିମଧ୍ୟରୁ ବଛାବଛା କଳାକାରଙ୍କୁ ଓଡିଆ ସିନେମାରେ ଅଭିନୟ ପାଇଁ ସୁଯୋଗ ଦିଆଯିବ। ବିଗତ ୨ଦିନ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗୀତା ମଧ୍ୟରୁ ପ୍ରତ୍ୟେକ ଜୋନ୍‌ରୁ ୩ ରୁ ୪ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଛନ୍ତି ବୋଲି ଆୟୋଜକ ଆଶିଷ ସୂଚନା ଦେଇଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର ସୋମବାର, ୭ ଜାନୁୟାରୀ, ୨୦୧୯



## ସଂକ୍ଷେପରେ



### ନରେନ୍ଦ୍ର ମହାନ୍ତି ହେଲେ ଟ୍ରକ୍ ମାଲିକ ମହାସଂଘ ସଂପାଦକ

ଜୟପୁର,୬।୧(ଡି.ଏନ୍.ଏ.): ଜୟପୁର ଲରି ମାଲିକ ମହାସଂଘର ପୂର୍ବତନ ସାଧାରଣ ସଂପାଦକ ନରେନ୍ଦ୍ର ମହାନ୍ତି ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ଟ୍ରକ ମାଲିକ ମହାସଂଘର ସମ୍ପାଦକ ନିର୍ବାଚିତ ହୋଇଛନ୍ତି। କଟକ ଜିଲା ଖୁଣ୍ଟୁଣିରେ ମହାସଂଘର ନିର୍ବାଚନ ହୋଇଥିବା ବେଳେ ଏଥିରେ ସଂପାଦକ ଭାବେ ମହାନ୍ତି ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହୋଇଥିଲେ । ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତିଯୋଗୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିଲା ।

### ସାହିତ୍ୟ ଏକାଡେମୀ ସଦସ୍ୟଙ୍କ ପରଲୋକ



ଜୟପୁର,୬।୧(ଡି.ଏନ୍.ଏ.): ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଉଦୟ ଚନ୍ଦ୍ର ମିଶ୍ରଙ୍କ ୬୫ ବର୍ଷ ବୟସରେ ରବିବାର ହୃଦ୍‌ଘାତରେ ପରଲୋକ ହୋଇଛି । ତାଙ୍କ ମର ଶରୀରକୁ ଜୟନଗରସ୍ଥିତ ଚିଲିଗୁଡ଼ା ବାସଭବନରେ ରଖାଯାଇଥିଲା । ବଡ଼ପୁଅ ବେଙ୍ଗାଲୁରରୁ ଫେରିବା ପରେ ସ୍ଥାନୀୟ ଛୁଟିଗୁଡ଼ା ଶ୍ମଶାନରେ ଅନ୍ତ୍ୟେଷ୍ଟି କ୍ରିୟା କରାଯାଇଥିଲା। ସାହିତ୍ୟିକ ମିଶ୍ର ଜିଲା ଶିକ୍ଷାଧିକାରୀ ଭାବେ ଅବସର ନେବା ପରେ ଜୟପୁରର ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ। ତାଙ୍କ ପରଲୋକରେ ଜୟପୁର ସାହିତ୍ୟ ପରିଷଦ, ନିର୍ବାଣ ସାହିତ୍ୟ ସଂସଦ, ପୂଜ୍ୟପୂଜା ସଂସଦ, ଛିଣ୍ଡାନଈ ସାହିତ୍ୟ ସଂଗଠନ ପକ୍ଷରୁ ମିଳିତ ଭାବେ ରବିବାର ସନ୍ଧ୍ୟାରେ ସ୍ଥାନୀୟ ନାରାୟଣୀ ମହାବିଦ୍ୟାଳୟରେ ଶ୍ରଦ୍ଧାଞ୍ଜଳି ସଭା ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ହରିହର କରସୁଧା ପଟ୍ଟନାୟକ, ସୁବାସ ମିଶ୍ର, ଇଂ. କେଦାରନାଥ ବେହେରା, ପ୍ରଦୀପ ମିଶ୍ର, ନବକୃଷ୍ଣ ରଥ, ତପନ ତ୍ରିପାଠୀ, ସୁରେଶ ଦାଶ ଉପସ୍ଥିତ ଥିଲେ ।

### ମହିଳାଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

ଜୟପୁର,୬।୧(ନି.ପ୍ର./ଡି.ଏନ୍.ଏ.): ଜୟପୁର ସଦର ଥାନା ପାଲିଗୁଡ଼ାରେ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ନିସ୍ତୁକ ମାଡ଼ ମାରି ଲହୁଲୁହାଣ କରିବା ମାମଲାରେ ପୋଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ପୀଡ଼ିତାଙ୍କ ସ୍ୱାମୀ ଡମ୍ବରୁ ମାଳି (୨୨)। ସୂଚନା ଅନୁଯାୟୀ, ଗତ ୨୨ ସେପ୍ଟେମ୍ବର ଗୌରୀ ସୌରା (୨୨) ଶୋଇଥିବା ଘର କବାଟ ନ ଖୋଲିବାରୁ ଗାଁଲୋକେ ଭିଡ଼ ଜମାଇଥିଲେ। ପରେ ଗୌରୀ କବାଟ ଖୋଲିବା ପରେ ଘର ଆସବାବପତ୍ର, ଟିଭି ଏପଟେ ସେପଟେ ପଡ଼ିଥିବା ବେଳେ ବାର ଲାଇଟ ଭାଙ୍ଗିଥିଲା। ଗୌରୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ସେ ପିନ୍ଧିଥିବା ପୋଷାକ ଚିରିଯାଇଥିଲା। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୌରୀଙ୍କ ବାପା ପଦଲାମ ସୌରା ସଦର ଥାନାରେ ଏନେଇ ଏତଲା ଦେବା ପରେ ପୋଲିସ କେସ୍ ନଂ ୧୪୮/୧୮ରେ ମାମଲା ରୁଜୁକରି ୪୫୯, ୩୨୬, ୩୦୭, ୪୨୭ ଆଇପିସି ଧାରାରେ ତଦନ୍ତ କରିଥିଲା। ସେଥିରେ ଜଣାପଡ଼ିଥିଲା ଯେ ଗୌରୀଙ୍କୁ ତାଙ୍କର ସ୍ୱାମୀ ଡମ୍ବରୁ ମାଳି ହିଁ ମରଣାନ୍ତକ ଆକ୍ରମଣ କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରୀ କୈଳାସ ସେଠୀ ସୂଚନା ଦେଇଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଗରିବ ଖାଉଟିଙ୍କ କିରୋସିନ୍ ପିଉଛି ଗାଡ଼ି

ଜୟପୁର,୬।୧(ନି.ପ୍ର.)

**ଅଣଦେଖା କରୁଛି ୨ ବିଭାଗ**
- ଜବତ କିରୋସିନ୍ ଚାଳିତ ଗାଡ଼ିର ତଥ୍ୟ ଯୋଗାଣ ବିଭାଗ ପାଖରେ ନାହିଁ
- ଏଭଳି ବେଆଇନ ଗାଡ଼ି ଚଳାଚଳ ଉପରେ ରୋକ ଲଗାଇପାରୁନି ପରିବହନ ବିଭାଗ
- ଖାଉଟି କିରୋସିନ୍ ବାଟମାରଣା ଯୋଗୁ ଗରିବ ଖଟିଖିଆ ହନ୍ତସନ୍ତ

ଅବିଭକ୍ତ କୋରାପୁଟ ଜିଲାରେ ଅଧାରୁ ଅଧିକ ବସ୍, ଟ୍ରକ୍ ଖାଉଟିଙ୍କ ପାଇଁ ଆସୁଥିବା କିରୋସିନରେ ଚାଲୁଛି । କିରୋସିନରେ ବହୁତ ବସ୍ ଚାଲୁଥିବା ନେଇ ଜୟପୁର ଘରୋଇ ବସ୍ ମାଲିକ ସଂଘ ଗତ ଅକ୍ଟୋବରରେ ଜିଲାପାଳଙ୍କୁ ଜଣାଇଥିଲା। ଏହାସହ ଅଧିକାଂଶ ବସ୍ ବିନା ଶୁଳ୍କରେ ଏବଂ ପରମିଟ୍, ଫିଟ୍‌ନେସ, ବୀମା ନଥାଇ ଚାଲିଥିବା ସଂଘ ଅଭିଯୋଗ କରିଥିଲା। ଏହାପରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ ପରେ ଯୋଗାଣ ବିଭାଗ ଚଢ଼ାଉ କରି ୨ଟି ବସ୍ ଓ ୨ଟି ଟ୍ରକ୍ ଜବତ କରିଥିଲା। ୬ଟି ବସ୍ ଓ ୨ଟି ଟ୍ରକ୍ ଯାଞ୍ଚ କରାଯାଇଥିବା ବେଳେ 'ମହାବୀର' ଘରୋଇ ବସ୍ କିରୋସିନରେ ଚାଲୁଥିବା ଯାଞ୍ଚ ବେଳେ ଜଣାପଡ଼ିଥିଲା। ବସ୍‌ରୁ ୨୦ ଲିଟର କିରୋସିନ ଜବତ ସହ ଅତ୍ୟାବଶ୍ୟକ ଆଇନରେ ମାମଲା ରୁଜୁ କରାଯାଇଥିଲା। କୋରାପୁଟର ଡୁମୁରିପୁଟରେ ମଧ୍ୟ ଚଢ଼ାଉ କରାଯାଇ ୩ଟି ବସ୍, ୩ଟି ମିନିଟ୍ରକ୍, ୫ଟି ଟ୍ରକ୍ ଯାଞ୍ଚ ହୋଇଥିଲା। ସେଥିରେ ଗୋଟିଏ ଟ୍ରକ୍‌ରୁ ୩ ଶହ ଲିଟର କିରୋସିନ ଜବତ କରାଯାଇଥିଲା। ଅନ୍ୟପକ୍ଷରେ କିରୋସିନ୍ ଚାଳିତ ଗାଡ଼ି ସଂଖ୍ୟା କ୍ରମଶଃ ବଢୁଥିବାରୁ ଏହା ସ୍ଥାନୀୟ ପରିବେଶକୁ ଅଧିକ ପ୍ରଦୂଷିତ କରିବା ସହ ଜଳବାୟୁକୁ ମଧ୍ୟ ପ୍ରଭାବିତ କରିଛି।

ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦେଇ ପ୍ରତିଦିନ ଶତାଧିକ ବସ୍ ଓ ଟ୍ରକ୍ ବେଆଇନ୍ ଚଳାଚଳ କରୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ କିମ୍ବା ଜିଲା ପ୍ରଶାସନ କୌଣସି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଖାଉଟିଙ୍କ ପାଇଁ ଆସୁଥିବା କିରୋସିନ୍‌କୁ ଡିଲରଙ୍କଠାରୁ କମ୍ ଦରରେ କିଣିଆଣି ବସ୍‌ରେ ବ୍ୟବହାର କରାଯାଉଛି। ଏଥିରେ ଗରିବ ଖାଉଟି କ୍ଷତିଗ୍ରସ୍ତ ହେଉଥିବା ଯୋଗୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖିଥିଲେ ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀ।

କୋରାପୁଟ ଜିଲା ପାଇଁ ୫ ଜଣ ହୋଲସେଲର ଥିବାବେଳେ ମାଲକାନଗିରି ପାଇଁ ୨ଜଣ, ନବରଙ୍ଗପୁର ପାଇଁ ୩ ଜଣ ଓ ରାୟଗଡ଼ା ପାଇଁ ୩ ଜଣ ରହିଛନ୍ତି । କୋରାପୁଟ ଜିଲାରେ ୩୨୦ଟି ସୁଲଭ ଖାଉଟି ଦୋକାନ ଥିବାବେଳେ ମାଲକାନଗିରିରେ ୧୧, ନବରଙ୍ଗପୁରରେ ୧୫୭ ତଥା ରାୟଗଡ଼ାରେ ୨୩୨ଟି ଦୋକାନ ରହିଛି। କୋରାପୁଟ ଜିଲାରେ କିରୋସିନ ଖାଉଟିଙ୍କ ସଂଖ୍ୟା ୩ ଲକ୍ଷ ୩୯ ହଜାର ୫୩ ଥିବାବେଳେ ମାଲକାନଗିରିରେ ୧ ଲକ୍ଷ ୪୫ ହଜାର ୧୫୬, ନବରଙ୍ଗପୁରରେ ୨ ଲକ୍ଷ ୯୬ ହଜାର ୯୬୫ ଓ ରାୟଗଡ଼ାରେ ୨ ଲକ୍ଷ ୩୬ ହଜାର ୯୯୦ ଖାଉଟି ଅଛନ୍ତି । ପ୍ରତି ମାସରେ ୨.୫ ଲିଟର କିରୋସିନ ଦିଆଯାଇଥାଏ । କୋରାପୁଟ ଜିଲା ପାଇଁ ୮୪୭.୬୩୩ ଲିଟର କିରୋସିନ ଯୋଗାଣ ହେଉଥିବା ବେଳେ ମାଲକାନଗିରି ପାଇଁ ୩୬୨.୮୯୦ ଲିଟର, ନବରଙ୍ଗପୁର ପାଇଁ ୭୪୨.୪୧୩ ଲିଟର ଓ ରାୟଗଡ଼ା ପାଇଁ ୫୯୨.୪୭୫ ଲିଟର ଯୋଗାଣ ହୋଇଥାଏ। ଦୁର୍ଗମ ଅଞ୍ଚଳରେ ଯେଉଁଠି ବିଦ୍ୟୁତ ସେବା ନାହିଁ, ସେଠାରେ ଡିବିରି ଆଲୁଅ ପାଇଁ କିରୋସିନ ଲୋଡ଼ାହୁଏ। କିରୋସିନ ବର୍ତ୍ତମାନ ୨୯ ଟଙ୍କାରେ ପହଞ୍ଚିଲାଣି । ଗୋଟିଏପଟେ ଗରିବ, ଖଟିଖିଆ ବର୍ଗର ଲୋକଙ୍କ କ୍ରୟ କ୍ଷମତାକୁ ଏହା ପ୍ରଭାବିତ କରିଥିବା ବେଳେ ଅନ୍ୟପଟେ ସେମାନଙ୍କ କିରୋସିନ୍ ଯାନବାହନରେ ବ୍ୟବହାର ହେଉଛି। ଖାଉଟିଙ୍କ କିରୋସିନ୍ ଉପାନ୍ତ ଅଞ୍ଚଳରେ ବଣ୍ଟା ନଯାଇ ଏହାର କଳାବଜାରୀ କରାଯାଉଛି। ଗତ ୩ ବର୍ଷରେ କୋରାପୁଟ ଜିଲା ଯୋଗାଣ ବିଭାଗ କିରୋସିନ ଚାଳିତ ଗାଡ଼ି ଉପରେ ଚଢ଼ାଉ ସହ ଜବତ କରିଥିବା ବସ୍ କିମ୍ବା ଟ୍ରକ୍‌ର କୌଣସି ତଥ୍ୟ ନ ଥିବା ଆଶ୍ଚର୍ଯ୍ୟ ସୃଷ୍ଟି କରିଛି। ଏ ନେଇ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ବିଭିନ୍ନ ସମୟରେ ବିଭାଗ ଦ୍ୱାରା ଯାନବାହନ ଉପରେ ଚଢ଼ାଉ କରାଯାଉଛି । ଉପାନ୍ତ ଅଞ୍ଚଳର ଖାଉଟି କିରୋସିନ ନ ପାଇବା ଅଭିଯୋଗ ଆସିବା ମାତ୍ରେ ପଦକ୍ଷେପ ନିଆଯାଉଛି।

■ ବୁଡ଼ି ଅଞ୍ଚଳ ଗସ୍ତକଲା ପ୍ରଶାସନ

# ପ୍ରତିଷ୍ଠା ହେବ ୧୨ ସେଚ ପଏଣ୍ଟ



ବୁଡ଼ି ଅଞ୍ଚଳବାସିନ୍ଦାଙ୍କ ସହ ଆଲୋଚନା କରୁଛନ୍ତି ପ୍ରଶାସନିକ ଅଧିକାରୀ ।

କୋରାପୁଟ,୬।୧(ସ୍ୱ.ପ୍ର.)

- ଦାବି ପୂରଣ ନହେଲେ ଆନ୍ଧ୍ରରେ ମିଶିବ ୮ ପଞ୍ଚାୟତ
- ଚେତାବନୀ ଦେଲା ବୁଡ଼ି ଅଞ୍ଚଳ ସଂଘ

କୋରାପୁଟ ଜିଲା ନନ୍ଦପୁର ବ୍ଲକର ୮ଟି ପଞ୍ଚାୟତକୁ ନେଇ କରାଯାଇଛି ବୁଡ଼ି ଅଞ୍ଚଳ ସଂଘ। କିଛିଦିନ ତଳେ ଏହି ସଂଘ ଜିଲା ପ୍ରଶାସନକୁ ବିଭିନ୍ନ ଦାବି ଜଣାଇବା ପରେ ଉଠା ଜଳସେଚନ ବିଭାଗ ଅଧିକାରୀମାନେ ବୁଡ଼ି ଅଞ୍ଚଳ ପରିଦର୍ଶନ କରିଛନ୍ତି। ସେଠାରେ ୧୨ଟି ଉଠା ଜଳସେଚନ ପଏଣ୍ଟ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

କୋରାପୁଟ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଶନିବାର ଓ ରବିବାର ନନ୍ଦପୁର ବ୍ଲକ ବୁଡ଼ି ଅଞ୍ଚଳରେ ଥିବା ପାନ୍ତଲୁଙ୍ଗ, ଗୋଲୁର, ପାଡୁଆ, ପ୍ରଜାବଡପଡା, କୁଲାବିର, କୁଲାରସିଂ, ବିଲାପୁଟ, ଅତଣ୍ଡା ପଞ୍ଚାୟତ ଗସ୍ତ କରିଥିଲେ। ସେଚ ପଏଣ୍ଟ ସ୍ଥାପନ ପାଇଁ ସେଠାରେ ସ୍ଥାନ ଚିହ୍ନଟ ହୋଇଛି। ପାନ୍ତଲୁଙ୍ଗ ପଞ୍ଚାୟତ ପାମୁଲୁପୁଟରେ ୩, ସୁବାପାଲି, କୁସିପୁଟ, ମାରିପୁଟ ଓ ଜରାଇ ଗ୍ରାମରେ ଗୋଟିଏ ଲେଖାଏଁ ପଏଣ୍ଟ କରାଯାଇ ପେଦାବାଲଡ଼ା ନଦୀକୁ ସଂଯୋଗ କରାଯିବ। ଗୋଲଚର ପଞ୍ଚାୟତ ପଡେଇସିଂ, ଗଚଞ୍ଜିଆଗୁଡ଼ା ଓ ଇଲାପୁଟ ଗ୍ରାମରେ ୩ ଟି ଏବଂ ପାଡୁଆ ପଞ୍ଚାୟତର ଗାଲଗଣ୍ଡା ଓ ଦାଲିପୁଟ ଗ୍ରାମରେ ୨ଟି ଉଠା ଜଳସେଚନ ପଏଣ୍ଟ ନିର୍ମାଣ ହେବ। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା ପରେ ଏହି ସ୍ଥାନ ଚିହ୍ନଟ ହୋଇଛି । ସେହିପରି ହାଟଗୁଡ଼ାରେ ମହାବିଦ୍ୟାଳୟ, ୮ଟି ପଞ୍ଚାୟତକୁ ସୁହାଇଲା ଭଳି ମେଡିକାଲ ପ୍ରତିଷ୍ଠା ପାଇଁ ସ୍ଥାନ ଚିହ୍ନଟ କାର୍ଯ୍ୟ ଚାଲିଥିବା ବୁଡ଼ି ଅଞ୍ଚଳ ସଂଘର ଆକାଶ ନାୟକ କହିଛନ୍ତି। ତେବେ ଜିଲା ପ୍ରଶାସନ ଅନ୍ୟ ଦାବିଗୁଡ଼ିକ ଉପରେ ଶୀଘ୍ର ପଦକ୍ଷେପ ନନେଲେ ଜଲାପୁଟ ଡ୍ୟାମ୍ ପ୍ରଭାବିତ ବୁଡ଼ି ଅଞ୍ଚଳର ୮ ପଞ୍ଚାୟତ ବାସୀ ଆନ୍ଧ୍ରରେ ମିଶିବେ ବୋଲି ବୁଡ଼ି ଅଞ୍ଚଳ ସଂଘ ସଭାପତି ସୋମନାଥ ଖିଲ, ସଂପାଦକ ଲଳିତ ଟାଙ୍ଗୁର ଚେତାବନୀ ଦେଇଛନ୍ତି।

■ କୋଟିଆରେ ଜନ ସଚେତନତା କାର୍ଯ୍ୟକ୍ରମ

# କମ୍ବଳ ବଣ୍ଟା, ସ୍ୱାସ୍ଥ୍ୟ ପରୀକ୍ଷା କରାଇଲା ପ୍ରଶାସନ

ପଟ୍ଟାଙ୍ଗି,୬।୧(ଡି.ଏନ୍.ଏ.)

କୋଟିଆ ଅଞ୍ଚଳରେ ଲୋକଙ୍କ ମନ ଜିଣିବା ପାଇଁ କୋରାପୁଟ ଜିଲା ଓ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ଜନ ସଚେତନତା କାର୍ଯ୍ୟକ୍ରମ ସହ ସ୍ୱାସ୍ଥ୍ୟ ପରୀକ୍ଷା, ବାର୍ଦ୍ଧକ୍ୟ ଭତ୍ତା, ଆବାସ ଯୋଜନାରେ ଗୃହ ପାଇଁ ନାମ ପଞ୍ଜିକରଣ କରୁଛି। ଧୂଳିପଦର ଗ୍ରାମରେ ୧୩ ଜଣଙ୍କୁ କମ୍ବଳ ଦିଆଯାଇଛି। ୪୯ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। କାଳିଆ ଯୋଜନା ସହ କୋଟିଆରେ ଖୋଲିବାକୁ ଥିବା ଆଶ୍ରମ ବିଦ୍ୟାଳୟରେ ଧୂଳିପଦର ଗ୍ରାମରୁ ଅତି କମ୍‌ରେ ୫ ଜଣ ପିଲା ପଢ଼ିବା ଉପରେ ଉପଜିଲାପାଳ ତଥା କୋଟିଆ ନୋଡାଲ ଅଧିକାରୀ ଲଳିତ କୁମାର କଅଁର ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ ଗତ ବର୍ଷ କୋଟିଆ ଘାଟିରୁ ଉପରସେମ୍ଦି ପର୍ଯ୍ୟନ୍ତ ରାସ୍ତା କାମରେ ୫୦ ଜଣ ଶ୍ରମିକ ୨୧ ଦିନ କାମକରି ଏଯାବତ୍ ମଜୁରି ପାଇନାହାନ୍ତି। ଉପରସେମ୍ଦିର ସାନାମ ଟାଡିଙ୍ଗି ରବିବାର ସଚେତନତା କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଏହି ଅଭିଯୋଗ ଉଠାଇଥିଲେ। ଗ୍ରାମରେ ଆନ୍ଧ୍ରପ୍ରଦେଶରର ସାଲୁର ପ୍ରଶାସନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରିଥିଲେ ମଧ୍ୟ ଏଥିରେ ଶ୍ରମିକଙ୍କୁ ଏକ ଲକ୍ଷ ୫୦ ହଜାର ଟଙ୍କାର ମଜୁରି ଦେଇନାହିଁ। ଆନ୍ଧ୍ର ସରକାର ଘରେ ପହଞ୍ଚି ପ୍ରତିମାସ ପେନସନ ବାବଦକୁ ୧୦୦୦ ଟଙ୍କା ଦେଉଛି ; କିନ୍ତୁ ଓଡ଼ିଶା ସରକାର ଦେଉଥିବା ୩୦୦ ଟଙ୍କା ଭତ୍ତା ପାଇଁ ୭ କିଲୋମିଟର ଘଞ୍ଚ ଜଙ୍ଗଲ ଘାଟି ରାସ୍ତା ଯିବାକୁ ପଡୁଥିବା ଧୂଳିପଦର ଗ୍ରାମର ପାଙ୍ଗି ଧବୁଲୁ, ଟାଡିଙ୍ଗ ବାଟୁ ଓ ପାଙ୍ଗି କୁମୁଟି କହିଥିଲେ। ଦୁର୍ଗମ ଅଞ୍ଚଳର ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ଶିକ୍ଷାଦାନ କରିବା ଦିଗରେ ଦୃଷ୍ଟି ଦେବାକୁ ବିଇଓ ସୁରଞ୍ଜନ ବାଗ ଓ ସିଆରସିସି ସୀତାନାଥ ନାୟକଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି, ବିଡିଓ କରୁଣାକର ପ୍ରଧାନ, ତହସିଲଦାର ଡ. ଅରୁଣ ଖଣ୍ଡା, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଡାକ୍ତର ଦୁର୍ଗା ମାଧବ ପଣ୍ଡା, ପିଏଚଇଓ ବିଜୟ ଖିଲ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାଲୁ ଟୁଡୁ, ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ବାସୁଦେବ ଦାସ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଶାସନ ନାୟକ, କନିଷ୍ଠ ଯନ୍ତ୍ରୀ ବିଜୟା ନନ୍ଦ ଓ ସ୍ୱେଚ୍ଛାସେବୀ ରଞ୍ଜିତ ପାଙ୍ଗି ଉପସ୍ଥିତ ଥିଲେ।



ଧୂଳିପଦରରେ ଜଣେ ବୃଦ୍ଧାଙ୍କୁ କମଳ ପ୍ରଦାନ କରୁଛନ୍ତି ପ୍ରଶାସନିକ ଅଧିକାରୀ ।

## କରାଟେ ବିଶ୍ୱକପ୍ ଅବିଭକ୍ତ କୋରାପୁଟକୁ ୬ ସ୍ୱର୍ଣ୍ଣ, ୫ ରୌପ୍ୟ

କୋରାପୁଟ,୬।୧(ସ୍ୱ.ପ୍ର.)

୨୦୧୮ କରାଟେ ବିଶ୍ୱକପ୍‌ରେ ଅବିଭକ୍ତ କୋରାପୁଟ ଜିଲାକୁ ୬ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ମିଳିଛି। ଏଥିରୁ ନବରଙ୍ଗପୁର ଜିଲାକୁ ୧୦ଟି ମିଳିଥିବା ବେଳେ କୋରାପୁଟ ଜିଲା ୩ଟି ପଦକ ପାଇଛି। ଗତ ଡିସେମ୍ବର ୨୯ ଓ ୩୦ ତାରିଖ କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଏହି କରାଟେ ବିଶ୍ୱକପ୍ ଖେଳାଯାଇଛି। ବିଶ୍ୱ କରାଟେ ଫେଡେରେସନ ସଭାପତି କାଜଂ ବୋଧ ନାରାୟଣ ଯାଦବ ଏହି ପ୍ରତିଯୋଗିତା ଆୟୋଜନ କରିଥିବାବେଳେ ଏଥିରେ ବିଭିନ୍ନ ଦେଶରୁ ପ୍ରାୟ ୫ଶହ ପ୍ରତିଯୋଗୀ ଭାଗ ନେଇଥିଲେ। ଏଥିରେ ନବରଙ୍ଗପୁର ଜିଲାରୁ ୧୦ ଜଣ ପ୍ରତିଯୋଗୀ ପଦକ ଜିତିଛନ୍ତି। ସେମାନେ ହେଲେ ମିଲି ମହାରଣା, ସାଗରିକା ନାୟକ, ସମୀର ହରିଜନ, ଅମ୍ରିତେଶ କୁମାର ପ୍ରଧାନ, ବିଶାଲ କୁମାର ରାହା, ମନୋଜ ହରିଜନ ସ୍ୱର୍ଣ୍ଣ ଜିତିଥିବା ବେଳେ କ୍ରିଷ୍ଣା ପ୍ରଭାସିନୀ ବେହେରା, ବିନୋଦ କୁମାର ବାଗ, ପ୍ରକାଶ ଗୌଡ଼ ଓ ନିଖିଲ ପାତ୍ର ରୌପ୍ୟ ପଦକ ଜିତିଛନ୍ତି। କୋରାପୁଟ ଜିଲା ସେମିଳିଗୁଡ଼ାର କିଶୋର କୁଲଦିପଙ୍କୁ ରୌପ୍ୟ ଏବଂ ଗଙ୍ଗାଧର ପାଣିଗ୍ରାହୀ ଓ ଅରୁଣ ଜେନାଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଏହି ସମସ୍ତ ପ୍ରତିଯୋଗୀ ସ୍ପୋର୍ଟସ କରାଟେ ଆସୋସିଏସନ ଅଫ ଓଡ଼ିଶାର ସଭାପତି ସିହାନ କ୍ରିଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ କରାଟେ ବିଶ୍ୱକପ୍‌ରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ କଳିଙ୍ଗ କରାଟେ ସ୍କୁଲ ଉପଦେଷ୍ଟା ପ୍ରଭାକର ହନ୍ତାଳ ଶୁଭେଚ୍ଛା ଜଣାଇଛନ୍ତି।

# ବିଭାଗସ୍ତରୀୟ ଘୋଷ ଶିବିର ଉଦ୍‌ଯାପିତ



ଘୋଷ ଶିବିରରେ ଆୟୋଜିତ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି ।

ଜୟପୁର,୬।୧(ଡି.ଏନ୍.ଏ.)

ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଭାଗ ସ୍ତରୀୟ ଦୁଇଦିନିଆ ଘୋଷ ଶିବିର ରବିବାର ଉଦ୍‌ଯାପିତ ହୋଇଛି । ଅନ୍ତିମ ଦିବସରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮୭ ଜଣ ଛାତ୍ରଙ୍କୁ ନେଇ ଘୋଷ ଦଳ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟ ବିଭାଗ ପ୍ରମୁଖ ସ୍ୱପ୍ନେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସଦସ୍ୟ ଆନନ୍ଦ ଚୌଧୁରୀ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋରପୁଟ ବିଭାଗ ନିରୀକ୍ଷକ ସୁବ୍ରତ ପଟ୍ଟନାୟକ, ସହ ନିରୀକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ । ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପି. ଶ୍ରୀନିବାସ ଓ ପରିଚାଳନା କମିଟି ଅଧ୍ୟକ୍ଷ ନରେଶ ନାଥ ନାୟକ ଉପସ୍ଥିତ ଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନିୟମିତତା ଅଭିଯୋଗ

# ବିଭିନ୍ନ ପ୍ରମାଣପତ୍ର ପାଇଁ ଆଦାୟ ହେଉଛି ଅର୍ଥ

ବୈପାରୀଗୁଡ଼ା,୬।୧(ଡି.ଏନ୍.ଏ.)

ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଅନିତମିତତାର ଅଭିଯୋଗ ଉଠିଛି। ସରକାରୀ ଯୋଜନାରେ ବିଭିନ୍ନ ପ୍ରମାଣପତ୍ର ଆବଶ୍ୟକ ପଡୁଥିବା ବେଳେ ଏସବୁ ପାଇଁ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ।

ଗତ ଗୁରୁବାର ପୂର୍ବାହ୍ନରେ କୋଲାର ପଞ୍ଚାୟତର ଜଣେ ଦଳିତ ବର୍ଗର ଯୁବକ ନାମ ଗୋପନ ରଖି କହିଛନ୍ତି, ଚାକିରି ଯୋଗୁଁ ଫିଟ୍‌ନେସ ସାର୍ଟିଫିକେଟ୍ ପାଇଁ ସେ ମେଡିକାଲ ଯାଇଥିଲେ। ସେତେବେଳେ ଉପସ୍ଥିତ ଜଣେ ଡାକ୍ତର ଏହି ପ୍ରମାଣପତ୍ର ଦେବା ପାଇଁ ତାଙ୍କୁ ୨ ଶହ ଟଙ୍କା ମାଗିଥିଲେ। ପାଖିରେ ଟଙ୍କା ନ ଥିବାରୁ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ । ଅପରାହ୍ନରେ ପୁଣିଥରେ ସେ ମେଡିକାଲ ଯିବା ପରେ ସେତେବେଳେ ଉପସ୍ଥିତ ଥିବା ଡାକ୍ତର ଜଣକ ମଧ୍ୟ ଅନୁରୂପ ଭାବେ ଅର୍ଥ ଦାବି କରିଥିଲେ। ତେଣୁ ସେ ବାଧହୋଇ ଫେରିଆସିଥିବା କହିଛନ୍ତି। ସେହିପରି ମଧୁବାବୁ ପେନସନ୍ ପାଇଁ ଡାକ୍ତରଙ୍କଠାରୁ ବୟସ ପ୍ରମାଣପତ୍ର ଆବଶ୍ୟକ ପଡୁଛି । ଏଥିପାଇଁ ଡାକ୍ତରଙ୍କ ପାଖକୁ ଗଲେ ସେମାନେ ଫେରାଇ ଦେଉଥିବା ଅଭିଯୋଗ ହେଉଛି। ମେଡିକାଲର କେତେକ କର୍ମଚାରୀ ମଧ୍ୟ ହିତାଧିକାରୀଙ୍କଠାରୁ ଶହେ ଟଙ୍କା ଲେଖାଏଁ ନେଇ ଡାକ୍ତରଙ୍କଠାରୁ ପ୍ରମାଣପତ୍ର ଆଣି ଦେଉଛନ୍ତି। ମେଡିକାଲ ତଥା ଫିଟ୍‌ନେସ ସାର୍ଟିଫିକେଟ୍ ପାଇଁ ମଧ୍ୟ ୨ ଶହ ଟଙ୍କା ଲେଖାଏଁ ମଗାଯାଉଛି। ଏ ସଂପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଫୋନ୍‌ରେ ଯୋଗାଯୋଗ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ। ସିଡିଏମ୍‌ଓ ଡାକ୍ତର ଲଳିତ ମୋହନ ରଥଙ୍କୁ ପଚାରିବାରୁ, ଯେଉଁ ଲୋକଙ୍କଠାରୁ ଅର୍ଥ ଦାବି କରାଯାଉଛି ସେମାନେ ଭିଜିଲାନ୍ସର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଛନ୍ତି।

# ପର୍ଯ୍ୟଟକଙ୍କୁ ଟାଣିବ ପାଟଦେବୀ ଡଙ୍ଗର

କୋରାପୁଟ,୬।୧(ସ୍ୱ.ପ୍ର.)

କୋରାପୁଟ ସହର ଜାନିଗୁଡ଼ା ନିକଟସ୍ଥ ପାଟଦେବୀ ଡଙ୍ଗରକୁ ଏକ ସୁଗନ୍ଧିତ ପାହାଡ଼ ଓ ମନୋରମ ସ୍ଥଳୀ କରାଯିବ। ଏଥିପାଇଁ ବନ ବିଭାଗ ବିଭିନ୍ନ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚଳାଇଛି। ପୂର୍ବରୁ ଥିବା ଏହି ଲଣ୍ଡା ପାହାଡ଼କୁ ସବୁଜିମା କରିବା ଲକ୍ଷ୍ୟ ରଖିଛି ବନ ବିଭାଗ।

କୋରାପୁଟ ତହସିଲ ଛପର ମୌଜାରେ ଥିବା ଏହି ପାହାଡ଼ର ୧୯.୫ ହେକ୍ଟର ଜମିରେ କରାଯାଇଥିବା ଏହି କାର୍ଯ୍ୟ ଗତ ଜୁଲାଇରୁ ଆରମ୍ଭ ହୋଇଥିଲା। ଏଥିପାଇଁ ୨୦୧୮-୧୯ ବର୍ଷରେ କୋରାପୁଟ ସହରାଞ୍ଚଳ ବନୀକରଣ ଯୋଜନା ତଥା ଓଏମ୍‌ସିର ସିଏସ୍‌ଆର ପାଣ୍ଠିରୁ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବା ଲକ୍ଷ୍ୟ ରହିଥିବା କୋରାପୁଟ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ କହିଛନ୍ତି। ଏହି ପାହାଡ଼ରେ ଗତ ଜୁଲାଇରେ ଜାମୁନ, ବାହାଡ଼ା, ହରିଡ଼ା, ମହୀଶୂର କୁଇନ, ଅଶୋକ, ଅମଳା, ସତଲଭର ଓକ୍, ରୁଦ୍ରାକ୍ଷ, ଅଶୋକାରିଷ୍ଟ, କରଞ୍ଜ ଭଳି ୨୫ ହଜାରଟି ଫୁଲ,ଫଳ ଏବଂ ଔଷଧୀୟ ଗଛ ଲଗାଯାଇଛି। ପାହାଡ଼ ତଳୁ ଉପରକୁ ଯିବା ପାଇଁ ପ୍ରାୟ ୮ଶହ ମିଟର ରାସ୍ତାକାମ ହୋଇଛି । ପାହାଡ଼ ଉପରେ ପର୍ଯ୍ୟଟକଙ୍କ ପାଇଁ ଏକ ବିଶ୍ରାମାଗାର ସହ ଶୟନରତ ମହିଳାଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଛି। ପାହାଡ଼ ଉପର ବିଭିନ୍ନ ସ୍ଥାନରେ ସେଲଫି ପଏଣ୍ଟ, ପାହାଡ଼ ତଳେ ଏକ ମୁକ୍ତାକାଶ ଜିମ୍ କରାଯିବ। କୋରାପୁଟ ବସ୍‌ଷ୍ଟାଣ୍ଡରୁ ଏହା ମାତ୍ର ୨ କିମି ଦୂରରେ ରହିଛି। ଏହାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସରିଲେ ଏହା କୋରାପୁଟର ଏକ ହିଲ୍ ଷ୍ଟେସନ ହେବ।



ପାଟଦେବୀ ଡଙ୍ଗର ପାହାଡ଼ର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି ।

**ବଦଳିବ ରୂପରେଖ**
- ସୌନ୍ଦର୍ଯ୍ୟକରଣ କାମ ଚଳାଇଛି ବନ ବିଭାଗ
- ୧ କୋଟି ଟଙ୍କାର ବ୍ୟୟ ଅଟକଳ

# ସିନିୟର ବଡି ବିଲଡିଂ ଚାମ୍ପିୟନଶିପ: ପ୍ରାଣକୃଷ୍ଣ ଗଞ୍ଜାମ ଶ୍ରୀ

ଆସିକା,୬।୧(ଡି.ଏନ୍.ଏ.)

ଆସିକା ଟାଉନ ହଲ ପରିସରରେ ରବିବାର ସନ୍ଧ୍ୟାରେ ୪୩ତମ ଗଞ୍ଜାମ ଜିଲା ସିନିୟର ବଡି ବିଲଡିଂ ଚାମ୍ପିୟନଶିପ ଗଞ୍ଜାମ-ଶ୍ରୀ ୨୦୧୮-୧୯ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାଣକୃଷ୍ଣ ସାହୁ ଗଞ୍ଜାମ ଶ୍ରୀ ଟାଇଟଲ ହାସଲ କରିଛନ୍ତି। ପ୍ରାଣକୃଷ୍ଣ ଛତ୍ରପୁରସ୍ଥିତ ମଶଲ୍ ଆଣ୍ଡ ଫିଟ୍‌ନେସ କ୍ଲବରୁ ପ୍ରତିନିଧିତ୍ୱ କରି ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ୫୫, ୬୦, ୬୫, ୭୦, ୭୫ ଓ ୮୦କେଜି ବର୍ଗରେ ପ୍ରତିଯୋଗିତା ହୋଇଥିଲା । ୫୫ କେଜି ବର୍ଗରେ ରାକେଶ କୁମାର ପଣ୍ଡା ସ୍ୱର୍ଣ୍ଣ, କୁଞ୍ଜ ବିହାରୀ ସାହୁ ରୌପ୍ୟ ଓ ଆକାଶ କୁମାର ନାୟକ ବ୍ରୋଞ୍ଜ ପଦକ ହାସଲ କରିଥିଲା ବେଳେ ୬୦ କେଜି ବର୍ଗରେ ଚନ୍ଦନ କୁମାର ସାହୁ ସ୍ୱର୍ଣ୍ଣ, ଶ୍ରୀଧର ପଟ୍ଟନାୟକ ରୌପ୍ୟ, ସାରଥି ବେହେରା ବ୍ରୋଞ୍ଜ, ୬୫ କେଜି ବର୍ଗରେ ଜଲାଲ ଖାନ ସ୍ୱର୍ଣ୍ଣ, ମେଘନାଦ ବେହେରା ରୌପ୍ୟ, ରଶ୍ମିରଞ୍ଜନ ବେହେରା ବ୍ରୋଞ୍ଜ ଓ ୭୦ କେଜି ବର୍ଗରେ ବିକାଶ ବେହେରା ସ୍ୱର୍ଣ୍ଣ, ଜଗନ୍ନାଥ ମହାପାତ୍ର ରୌପ୍ୟ ଓ ଜୟରାମ ନାହାକ ବ୍ରୋଞ୍ଜ, ୭୫କେଜି ବର୍ଗରେ ଜ୍ୟୋତି ରଞ୍ଜନ ପ୍ରଧାନ ସ୍ୱର୍ଣ୍ଣ, ଆନନ୍ଦ ଗୌଡ ରୌପ୍ୟ, ଶୁଭମ୍ ନାୟକ ବ୍ରୋଞ୍ଜ ଏବଂ ୮୦କେଜି ବର୍ଗରେ ପ୍ରାଣକୃଷ୍ଣ ସାହୁ ସ୍ୱର୍ଣ୍ଣ, ଶିବରଞ୍ଜନ ପ୍ରଧାନ ରୌପ୍ୟ ଏବଂ ରୋହିତ କୁମାର ବିଶୋୟୀ ବ୍ରୋଞ୍ଜ ପଦକ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ସହ ନଗଦ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଆସିକାସ୍ଥିତ ରାଜେଶ ବଡି ଲାଇନ ଜିମ ପକ୍ଷରୁ ଗଞ୍ଜାମ ଜିଲା ଆମେଚର ବଡି ବିଲଡିଂ ଆସୋସିଏଶନ ସହାୟତାରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଜିଲା ବଡି ବିଲ୍ଡିଂ ଆସୋସିଏଶନର ଉପଦେଷ୍ଟା ତଥା ବି. ବେଣୁଗୋପାଳ ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଚାରକ ରୂପେ ଏସିଆନ ଜଜ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଗଞ୍ଜାମ ଜିଲା ବଡି ବିଲଡିଂ ଆସୋସିଏଶନର ସମ୍ପାଦକ ତଥା ଜାତୀୟ ସ୍ୱର୍ଣ୍ଣପଦକ ବିଜେତା ଜାତୀୟ ସ୍ତରର ବିଚାରକ ଏସ. ରାଜେଶ ବାବୁ ଆଚାରୀ, ଉମାଚରଣ ଶତପଥୀ, ସୋମନାଥ ନନ୍ଦ ପ୍ରମୁଖ ପ୍ରତିଯୋଗିତାରେ ବିଚାରକ ରୂପେ ରହିଥିଲେ। ଗଞ୍ଜାମ ଜିଲା ବଡି ବିଲଡିଂ ଏସୋସିଏଶନର ସଭାପତି ସତ୍ୟନାରାୟଣ ସ୍ୱାଇଁ, ଡି. ବ୍ରଜମୋହନ ପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ବେଳେ ମୁଖ୍ୟଅତିଥି ରୂପେ ବ୍ରହ୍ମପୁର ସମବାୟ ବିଭାଗର ଉପ-ନିବନ୍ଧକ ଡ. ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରାଜ୍ୟର ମହିଳା ଫିଟନେଶ ଚମ୍ପିୟନ ଗାୟତ୍ରୀ ମୁର୍ମୁ ଯୋଗଦେଇ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲେ।



ମହିଳା ଫିଟ୍‌ନେସ୍ ଚାମ୍ପିୟନଙ୍କ ଡେମୋ।

# କୋଠାରସିଙ୍ଗି ପଞ୍ଚାୟତରେ ବାର୍ହା ଉପଦ୍ରବ

କନିଷି,୬।୧(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକରେ ବହୁ ବର୍ଷ ହେଲା ବାର୍ହା ଉପଦ୍ରବ ବଢ଼ିବାରେ ଲାଗିଛି। ଚାଷୀମାନେ ବିଭିନ୍ନ ଫସଲ ଚାଷ କରି ପେଟ ପୋଷୁଥିବାବେଳେ ହଜାର ହଜାର ଏକର ଜମିରେ ବାର୍ହା ଧାନ ଫସଲ ନଷ୍ଟ କରୁଛନ୍ତି। ଏ ନେଇ ବହୁବାର ତହସିଲଦାର, ବନ ବିଭାଗ, କୃଷି ଅଧିକାରୀଙ୍କୁ ଜଣାଇଥିଲେ ସୁଦ୍ଧା କିଛି ସୁଫଳ ମିଳୁନାହିଁ ବୋଲି କୋଠାରସିଙ୍ଗି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବହୁଦିନ ହେଲା ରାତିରେ ନ ଶୋଇ ଅଣ୍ଡାରେ ପଡ଼ି ରହି ଗ୍ରାମବାସୀ ବିଲରେ ନିଆଁହୁଳା କରି ଶହ ଶହ ବାର୍ହାଙ୍କୁ ଘଉଡ଼ାଉଛନ୍ତି ବୋଲି ୫୩ନଂ. ଜୋନ ପୂର୍ବତନ ଜିଲା ପରିଷଦ ସଭ୍ୟ ଏନ. ଡମ୍ବୁରୁ ରେଡ୍ଡୀ କହିଛନ୍ତି। ବାର୍ହା ଉପଦ୍ରବ ରୋକିବା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ରାଜରାସ୍ତା ଅବରୋଧ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ■ ଛତ୍ରପୁର ଓକିଲ ସଂଘର ନିଷ୍ପତ୍ତି

# କାର୍ଯ୍ୟବନ୍ଦ ଆନ୍ଦୋଳନ ଆଜିଠୁ

ଛତ୍ରପୁର,୬।୧(ଡି.ଏନ୍.ଏ.)

ଛତ୍ରପୁର ଓକିଲ ସଂଘର ଏକ ଜରୁରୀ ବୈଠକ ଶନିବାର ସ୍ଥାନୀୟ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତି କେ. ଶିବରାମ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର କୋର୍ଟ ପରିସରଭୁକ୍ତ ସମସ୍ତ ମାଲିମକଦ୍ଦମାଗୁଡିକ ନୂତନଭାବେ ଖୋଲାଯାଇଥିବା ଖଲ୍ଲିକୋଟ ଏଡିଜେକୁ ବଦଳି ଓ ପ୍ରତିବଦଳ ନ କରିବା ପାଇଁ ସଂଘ ଦାବି କରିଛି। ରମ୍ଭା ଥାନା ଓ ଗଞ୍ଜାମ ତହସିଲ ଅନ୍ତର୍ଗତ ସମସ୍ତ ଗାଁର ମକଦ୍ଦମାଗୁଡିକୁ ଛତ୍ରପୁର କୋର୍ଟ ପରିସରଭୁକ୍ତ କରିବା ସହ ଯଥାବିଧି ପଦକ୍ଷେପ ଗ୍ରହଣ କରିବା ସମ୍ପର୍କରେ ବୈଠକରେ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି। ସଂଘ ପକ୍ଷରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଛତ୍ରପୁରର ସମସ୍ତ କୋର୍ଟର ବିଚାରପତି, ବ୍ରହ୍ମପୁର ଜିଲା ଜଜ୍, ହାଇକୋର୍ଟ ମୁଖ୍ୟ ବିଚାରପତି, ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଫାକ୍ସ ଜରିଆରେ ଅବଗତ କରାଯାଇଥିବା ସୂଚନା ଦିଆଯାଇଛି। ଏଥିସହ ଉପରୋକ୍ତ ଦାବିଗୁଡିକ ତୁରନ୍ତ ପୂରଣ କରିବା ନିମନ୍ତେ ସଂଘ ପକ୍ଷରୁ ୭ରୁ ଆଗାମୀ ସାଧାରଣ ବୈଠକ ବସିବା ପର୍ଯ୍ୟନ୍ତ ସଂଘର ସମସ୍ତ ସଦସ୍ୟ ତଥା ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିବା ସହ ଛତ୍ରପୁରସ୍ଥିତ କୋର୍ଟ ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ପାଇଁ ବୈଠକରେ ସ୍ଥିର ହୋଇଛି। ଏସମ୍ପର୍କରେ ସଂଘର ସାଧାରଣ ସମ୍ପାଦକ ଏସ୍. ଶ୍ୟାମ କୁମାର ରାଓ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ସାପ କାମୁଡ଼ାରେ ଜଣେ ମୃତ

ଗଞ୍ଜାମ,୬।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ପୁତୁରା ରବିବାର ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ ଅଧ୍ୟକ୍ଷଙ୍କ ବଡ଼ଭାଇ ବସନ୍ତଙ୍କ ପୁଅ ବିଶ୍ୱଜିତ (୧୮)। ଶନିବାର ରାତିରେ ବିଶ୍ୱଜିତ ଶୋଇଥିବାବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ତାଙ୍କୁ ପରିବାର ଲୋକେ ସଙ୍ଗେ ସଙ୍ଗେ ଛତ୍ରପୁର ମେଡିକାଲ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଶ୍ୱଜିତ୍‌ଙ୍କର ମୃତ୍ୟୁ ହୋଇଥିଲା। ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ।

# ୭ନଂ. ଜୋନସ୍ତରୀୟ କର୍ମୀ ସମ୍ମିଳନୀ

କବିସୂର୍ଯ୍ୟନଗର,୬।୧

କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ବୁଢ଼ାମ୍ବ ଛକରେ ୮ଟି ପଞ୍ଚାୟତକୁ ନେଇ ୭ନଂ. ଜୋନସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। କବିସୂର୍ଯ୍ୟନଗର ବ୍ଲକ ସଭାପତି ସୁରଥ ପ୍ରଧାନଙ୍କ ସଭାପତିତ୍ୱରେ ଓ ବରିଷ୍ଠ ବିଜେଡି ନେତା ଚନ୍ଦ୍ରଶେଖର ପ୍ରଧାନଙ୍କ ସଂଯୋଜନାରେ କର୍ମୀ ସମ୍ମିଳନୀ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ବିଜେଡି ଉପସଭାପତି ଅରୁଣ ପଣ୍ଡା, ମୁଖ୍ୟବକ୍ତା ଭାବେ ଜିଲା ସାଧାରଣ ସମ୍ପାଦକ ନିରଞ୍ଜନ ସାହୁ, ୭ନଂ. ଜୋନ ପରିଷଦ ଟି. ଭାରତୀ ପ୍ରଧାନ, କବିସୂର୍ଯ୍ୟନଗର ଏନ୍‌ଏସି ସଭାପତି ଭଗବାନ ସ୍ୱାଇଁ, ବ୍ରଜ ସୁନ୍ଦର ମଲିକ, ସୁରଜ କୁମାର ରେଡ୍ଡୀ, ଶଙ୍କର ଗୌଡ଼ ପ୍ରମୁଖ ନେତା ମଞ୍ଚାସୀନ ଅତିଥି ଥିଲେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ନେତାମାନେ ନବୀନ ବାବୁଙ୍କ ବିଭିନ୍ନ ଲୋକାଭିମୁଖୀ ଜନକଲ୍ୟାଣ ଯୋଜନା ଗୁଡ଼ିକ ମନ୍ତବ୍ୟରେ କହିଥିଲେ।

# ଅଡ଼ବାକୁ ହରାଇ ବ୍ରହ୍ମପୁର ଚାମ୍ପିୟନ



ଚାମ୍ପିୟନ ଓ ରନର୍ସଅପ୍ ଟିମ୍ ଖେଳାଳିଙ୍କ ଗହଣରେ ଅତିଥି।

ଭଞ୍ଜନଗର,୬।୧(ଡି.ଏନ.ଏ.)

ନୂଆଗାଁଠାରେ ଚାଲିଥିବା ମା' ଡୁମାଣୀ ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ବ୍ରହ୍ମପୁର ହରିଡାଖଣ୍ଡି ଓ ଅଡବା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ହରିଡାଖଣ୍ଡି ଅଡବାକୁ ୩-୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଏଥିସହ ଶ୍ରେଷ୍ଠ ହିଟର ଭାବେ ଆୟୋଜକ ଟିମ୍‌ର କାଲୁ ନାୟକ, ଶ୍ରେଷ୍ଠ ଖେଳାଳି ଅଡବାର ମୋଜେସ୍, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଡାମ୍ଭା, ହରିଡାଖଣ୍ଡି ଟିମ୍‌ର ଦିଲିପ୍‌ଙ୍କୁ ଶ୍ରେଷ୍ଠ ନେଟ୍ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଫାଇନାଲ ମ୍ୟାଚ୍‌ରେ ବେଲଗୁଣ୍ଠା ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠକ ପ୍ରମୋଦ ପଟ୍ଟନାୟକ, ନୂଆଗାଁ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ସାହୁ, ସମିତିସଭ୍ୟ ପତିନ୍ଦ୍ର ପରିଡା, ମନୋଜ ପ୍ରଧାନ, ପ୍ରଦୀପ ନାୟକ, ଇଙ୍ଗିନାଠି ସରପଞ୍ଚ ତ୍ରିନାଥ ଗୋଛାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରି ଶରତ ରାଉତ, ଲାଇନ୍ସମ୍ୟାନ୍ ଅଜିତ ନାୟକ, ବାଘା ନାୟକ, ସ୍କୋରର ରାଜେଶ ନାୟକ, ଦିଲିପ ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ ମ୍ୟାଚ ପରିଚାଳନା କରିଥିଲେ।












2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ